୬ ଆରସିବିରେ ଯୋଗଦେବେ ରାହୁଲ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୨୩୧ ● ୧୭ ସେପ୍ଟେମ୍ବର ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-231 ● 17th September 2024, Tuesday ● Bhubaneswar
Licensed to post without pre-payment of postage No- BN-60/22-24

DSPL-110

# କଥା ଦେଇ କଥା ରଖିଲେ ଆମ ସରକାର

ଓଡ଼ିଶା ଶାସନ
ସୁଭଦ୍ରା



# ସୁଭଦ୍ରା
## ଶୁଭାରମ୍ଭ
ପ୍ରଧାନମନ୍ତ୍ରୀ
## ନରେନ୍ଦ୍ର ମୋଦୀ ଙ୍କ ଦ୍ୱାରା

- ଉପକୃତ ହେବେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା
- ଦୁଇଟି କିସ୍ତିରେ ବାର୍ଷିକ ୧୦ ହଜାର, ପାଞ୍ଚ ବର୍ଷରେ ପାଇବେ ୫୦ ହଜାର ଟଙ୍କା
- ହିତାଧିକାରୀଙ୍କ ଆଧାର ସଂଯୋଜିତ ବ୍ୟାଙ୍କ ଖାତାକୁ ସିଧା ସଳଖ ଯିବ ସହାୟତା ରାଶି
- ସୂଚନାଯୋଗ୍ୟ ଯେ, ସୁଭଦ୍ରା ପାଇଁ ଆବେଦନ ଜାରି ରହିଛି ଏବଂ ଏହାର କୌଣସି ଶେଷ ତାରିଖ ନାହିଁ



ଗରିମାମୟ ଉପସ୍ଥିତି

**ରଘୁବର ଦାସ**
ରାଜ୍ୟପାଳ, ଓଡ଼ିଶା

**ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଧର୍ମେନ୍ଦ୍ର ପ୍ରଧାନ**
ଶିକ୍ଷା ମନ୍ତ୍ରୀ, ଭାରତ ସରକାର

**ଜୁଏଲ ଓରାମ**
ଜନଜାତି ବ୍ୟାପାର ମନ୍ତ୍ରୀ, ଭାରତ ସରକାର

**ଅନ୍ନପୂର୍ଣ୍ଣା ଦେବୀ**
ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ଭାରତ ସରକାର

**କନକବର୍ଦ୍ଧନ ସିଂହ ଦେଓ**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ପ୍ରଭାତୀ ପରିଡ଼ା**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିବୃନ୍ଦ

**ତାରିଖ: ୧୭ ସେପ୍ଟେମ୍ବର ୨୦୨୪ | ସମୟ: ମଧ୍ୟାହ୍ନ ୧୨ ଘଟିକା**
ଜନତା ମଇଦାନ, ଭୁବନେଶ୍ୱର

ପୂର୍ବାହ୍ନ ୯:୩୦ ସୁଦ୍ଧା ନିଜର ଆସନ ଗ୍ରହଣ କରିବାକୁ ବିନମ୍ର ଅନୁରୋଧ।

**www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର ୧୪୬୭୮**

DD NEWS ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ | ଆମକୁ ଅନୁସରଣ କରନ୍ତୁ iprodisha odisha_subhadra CMO_Odisha Subhadra Odisha CMO Odisha

OIPR : 33001/13/0011/2425





## ||||||| ସ୍ପେସ୍‌ଏକ୍ସର ମିଶନ୍ ସଫଳ |||||||

# ପୃଥିବୀକୁ ଫେରିଲେ ୪ ମହାକାଶଚାରୀ



**ଫ୍ଲୋରିଡ଼ା, ନ୍ୟୁଜ୍ ବ୍ୟୁରୋ**

୪୦ରୁ ଊର୍ଦ୍ଧ୍ୱ ପରୀକ୍ଷଣ, ସ୍ପେସ୍‌ୱାକ ପରେ ସଫଳତାର ସହ ରବିବାର ପୃଥିବୀକୁ ଫେରିଛନ୍ତି ସ୍ପେସ୍‌ଏକ୍ସର ପୋଲାରିସ୍ ଡନ୍ କ୍ରୁ'ର ୪ ମହାକାଶଚାରୀ । ଅପରାହ୍ନ ପ୍ରାୟ ୧ଟା ୬ରେ ସ୍ପେସ୍‌କ୍ରାଫ୍ଟଟି ଫ୍ଲୋରିଡାର ଡ୍ରାଇ ଟୋର୍ଟୁଗାସ୍ କୋଷ୍ଟରେ ଅବତରଣ କରିଥିଲା । ଏଲନ୍ ମସ୍କଙ୍କ କମ୍ପାନୀର ଫାଲ୍‌କନ-୯ ରକେଟରୁ ପୋଲାରିସ୍ ଡନ୍ ମିଶନକୁ ଗତ ୧୦ ତାରିଖରେ ଲଞ୍ଚ କରାଯାଇଥିଲା । ଏଥିରେ ୪ ମହାକାଶଚାରୀ ୫ ଦିନିଆ ସ୍ପେସ୍ ମିଶନ୍‌ରେ ଯାଇଥିଲେ । ସେମାନେ ଯାଇଥବା ଅର୍ବିଟ (୧,୪୦୮.୧ କିମି)କୁ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା କୌଣସି ମହାକାଶଚାରୀ ଯାଇନଥିଲେ । ଏହି ମିଶନର ଉଦ୍ଦେଶ୍ୟ ଥିଲା ପ୍ରଥମ ପ୍ରାଇଭେଟ୍ ଏକ୍ସଟ୍ରା ଭେହିକୁଲାର ଆକ୍ଟିଭିଟି ବା ସ୍ପେସ୍‌ୱାକ୍ । ଏଥିସହ ମଣିଷର ସ୍ୱାସ୍ଥ୍ୟ ସହ ଜଡ଼ିତ ପ୍ରାୟ ୪୦ ପରୀକ୍ଷଣ ଏବଂ ଅନୁସନ୍ଧାନ ବି ଏହି ମିଶନ୍‌ରେ କରାଯାଇଛି । ଗତ ୧୨ ତାରିଖରେ ୨ ମହାକାଶଚାରୀ ପୃଥିବୀରୁ ପ୍ରାୟ ୭୦୦ କିମି ଉପରେ ସ୍ପେସ୍‌ୱାକ୍ କରିଥିଲେ । ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ବେଳେ ସ୍ପେସ୍‌କ୍ରାଫ୍ଟର ଗତି ଘଣ୍ଟା ପ୍ରତି ୨୭ ହଜାର କିମି ରହିଥିଲା । ବାୟୁ ସହ ଘର୍ଷଣ ହେବା ଯୋଗୁ ଏହାର ତାପମାତ୍ରା ୧୯୦୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ପହଞ୍ଚିଥିଲା । ୪ ମିଟର ଚଉଡ଼ା ସ୍ପେସ୍‌କ୍ରାଫ୍ଟର ତଳେ ଲାଗିଥିବା ହିଟ୍‌ଶିଲ୍ଡ ମହାକାଶଚାରୀଙ୍କୁ ତାପମାତ୍ରାରୁ ସୁରକ୍ଷିତ ରଖିଥିଲା । ସ୍ପେସ୍‌କ୍ରାଫ୍ଟ ତଳକୁ ଆସିବା କ୍ଷଣି ଏହା ଗତିକୁ କମାଯାଇଥିଲା । ଏହି ସମୟରେ ପାରାଶୁଟ୍ ଖୋଲାଯାଇଥିଲା ଏବଂ ପାଣିରେ ତାହା ଲ୍ୟାଣ୍ଡିଂ କରିଥିଲା । ସେଠାରେ ପୂର୍ବରୁ ଥିବା ସ୍ପେଶାଲ୍ ବୋଟ୍ ଏବଂ ଉଦ୍ଧାରକାରୀ ଦଳ ମହାକାଶଚାରୀଙ୍କୁ ଉଦ୍ଧାର କରିଥିଲେ ।

## ବଳାତ୍କାର ଅଭିଯୁକ୍ତ ବିରୋଧରେ ସାକ୍ଷୀ ଦେବାରୁ ଯୁବକଙ୍କୁ ହାଣିଦେଲେ ୨ ଭାଇ



**ଚନ୍ଦ୍ରଶେଖରପୁର, ନ୍ୟୁଜ୍ ବ୍ୟୁରୋ**

ଜଣେ ବଳାତ୍କାର ଅଭିଯୁକ୍ତ ବିରୋଧରେ ଅଦାଲତରେ ସାକ୍ଷୀ ଦେବାରୁ ୨ ଭାଇ ମିଶି ଯୁବକଙ୍କୁ ହାଣି ପକାଇଛନ୍ତି । ଅଭିଯୋଗପାଇ ଇନ୍‌ଫୋସିଟି ଥାନା ପୋଲିସ ୨ ଭାଇଙ୍କୁ ଗିରଫ କରିଛି । ସେମାନେ ହେଲେ ଇନ୍‌ଫୋସିଟି ସାଇ ବନଫୁଲ ବସ୍ତିରେ ରହୁଥିବା ପୁରୀ କଣାସର ନାରାୟଣ ନାୟକ (୪୦) ଏବଂ ବାବୁଆ ନାୟକ (୩୮) । ପୋଲିସ ସୂଚନା ଅନୁଯାୟୀ, ନାରାୟଣ ଓ ବାବୁଆଙ୍କ ଅନ୍ୟ ଜଣେ ଭାଇ ଏକ ବଳାତ୍କାର ମାମଲାରେ ଗିରଫ ହୋଇ ଜେଲ୍ ଯାଇଛନ୍ତି । ଉକ୍ତ ମାମଲାରେ ପଡ଼ୋଶୀ ନାରାୟଣ ପାତ୍ର ମୁଖ୍ୟ ସାକ୍ଷୀ ଅଛନ୍ତି । ଏହାକୁ ନେଇ ନାରାୟଣଙ୍କ ସହ ୨ ଭାଇଙ୍କର ତିକ୍ତତା ଲାଗି ରହିଥିଲା । ସକାଳେ ନାରାୟଣ ଘର ନିକଟରେ କୌଣସି କାମରେ ବ୍ୟସ୍ତ ଥିବାବେଳେ ୨ ଭାଇ ତାଙ୍କୁ ମାରଣାସ୍ତ୍ରରେ ହାଣି ପକାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ୨ଭାଇଙ୍କୁ ଗିରଫ କରିଥିଲା । ଦୁଇଭାଇଙ୍କୁ ଅଦାଲତ ଚାଲାଣ କରାଯାଇଥିଲା । ଜାମିନ୍ ନାମଞ୍ଜୁର ହେବାରୁ ଉଭୟଙ୍କୁ ଝାରପଡ଼ା ସ୍ଥିତ ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି ।

## ନିର୍ବାଚନୀ ପ୍ରତିଶ୍ରୁତିକୁ ପୂରଣ କରୁଛନ୍ତି ମୋହନ ସରକାର:ମନ୍ତ୍ରୀ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**





ସରକାରୀ ନିର୍ଦ୍ଦେଶ ମତେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ଜରିଆରେ ଜିଲ୍ଲା ସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା, ଯୁବସେବା ଓ କ୍ରୀଡ଼ା, ଓଡ଼ିଆ ଭାଷା ପ୍ରତିଷ୍ଠାନ, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପତାକା ପ୍ରଦର୍ଶନ ପୂର୍ବକ ପଦଯାତ୍ରାର ଶୁଭାରମ୍ଭ କରି ସେଥିରେ ଅଂଶଗ୍ରହଣ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ବିଭାଗୀୟ ଅଧିକାରୀ ଡି.ଏସ୍.ଡବ୍ଲ୍ୟୁଓ ପୁଷ୍ପଲତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ପଦଯାତ୍ରାରେ ଅଂଶ ଗ୍ରହଣ କରିଥିବା ୫୦୦ରୁ ଊର୍ଦ୍ଧ୍ୱ ମହିଳା ଜିଲ୍ଲା କାର୍ଯ୍ୟାଳୟରୁ ପଦଯାତ୍ରାରେ ବାହାରି ଟାଉନ୍‌ହଲ୍ ପର୍ଯ୍ୟନ୍ତ ଯାତ୍ରା କରିଥିଲେ । ଦସ୍ତଖତ ଅଭିଯାନରେ ସମସ୍ତେ ଅଂଶଗ୍ରହଣ କରିବା ସହିତ ଟାଉନ୍‌ହଲ୍ ଠାରେ ସୁଭଦ୍ରା ସଚେତନତା ନେଇ ଦଳଗତ ଆଲୋଚନାରେ ଅଂଶ ଗ୍ରହଣ କାରିଥିଲେ । ସେଠାରେ ମଧ ଭଦ୍ରକ ବିଧାୟକ, ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଡି.ଏସ୍.ଡବ୍ଲ୍ୟୁଓ, ଭଦ୍ରକ ବିଡ଼ିଓ ସୀତାକାନ୍ତ ରାଉତ, ଭଦ୍ରକ ସିଡ଼ିପିଓ ରାଜଶ୍ରୀ ଗୋସ୍ୱାମୀ ପ୍ରମୁଖ ଅତିଥିଭାବେ ଯୋଗଦାନ କରି ସୁଭଦ୍ରା ସଚେତନତା ନେଇ ବାର୍ତ୍ତା ପ୍ରଦାନ କରିଥିଲେ । ଡି.ପି.ଏମ୍ ଓଏଲ୍ଏମ୍ ସଂଜୟ ବାରିକ୍ ମଞ୍ଚ ପରିଚାଳନା କରିଥିଲେ । ନିର୍ବାଚନରେ ଯେଉଁ ସଂକଳ୍ପ କରାଯାଇଥିଲା ମୋହନ ସରକାର ତାକୁ ପୁରଣ କରିଛନ୍ତି । ଏକାଥରକେ ଏକ କୋଟିରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ଲକ୍ଷ୍ୟ ରଖି ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି । ତୃଣମୂଳ ସ୍ତରରେ ସମସ୍ତ ଯୋଗ୍ୟ ମହିଳା ଏହି ଯୋଜନାର ଫାଇଦା ପାଇବେ । ଏହା ଅତ୍ୟନ୍ତ ଉଚ୍ଚ କୋଟୀର ଯୋଜନା ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକ୍, ଡି.ପି.ସି. ମିଶନ ଶକ୍ତି ଅଭିକ ନାରାୟିନ୍, ଡି.ପି.ସି. ମମତା ପ୍ରଦ୍ୟୁମ୍ନଜୀ, ଡି.ପି.ସି. ପୋଷଣ ସିରାଜ ପ୍ରମୁଖ ଆନୁସଙ୍ଗିକ ସହଯୋଗ କରିଥିଲେ ।

## ତମ୍ବା ତାର ଚୋରି ଅଭିଯୋଗରେ ଜଣେ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ତାର ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ୍ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ନୁଆସାହିର ଅଭି ବେହେରା (୨୪) । ପୋଲିସ ସୂଚନା ଅନୁଯାଇ, ଜୟପୁର ଟାଉନ୍ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଶାନ୍ତି ନଗର ଅଞ୍ଚଳରେ ଜଣେ ଅଭିଯୁକ୍ତ ତାର ଚୋରି କରି ତମ୍ବା ବାହାର କରୁଥିବା ବେଳେ ପୋଲିସ ଧରିଥିଲା । ଅଭିଯୁକ୍ତ ଠାରୁ ତମ୍ବା ତାର, ପେଟ୍ରୋଲ ଆଦିକୁ ଜବତ କରିଛି । ଅଭିଯୁକ୍ତ ନାମରେ ୨୭୭/୨୪ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଟାଉନ୍ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

## ଜାଲ୍ ଭିସା ର୍‍ୟାକେଟ୍‌ର ପର୍ଦ୍ଦାଫାସ୍:ମାଷ୍ଟର୍‌ମାଇଣ୍ଡ ସମେତ ୬ ଗିରଫ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଦିଲ୍ଲୀରେ ଚାଲିଥିବା ଜାଲ୍ ଭିସା ର୍‍ୟାକେଟ୍‌ର ପର୍ଦ୍ଦାଫାସ୍ ହୋଇଛି । ଏହି ର୍‍ୟାକେଟ୍ ଚଳାଇଥିବା ମାଷ୍ଟର୍‌ମାଇଣ୍ଡ ମନୋଜ ମୋଙ୍ଗା ସମେତ ୬ ଜଣଙ୍କୁ ଗିରଫ କରାଯାଇଛି । ଗତ ୫ ବର୍ଷ ହେଲା ଦିଲ୍ଲୀର ତିଲକ ନଗରରେ ଏହି ଜାଲ୍ ଭିସା କାରଖାନା ଚାଲିଥିଲା । କିଛି ସମୟ ମଧ୍ୟରେ ବିଭିନ୍ନ ରାଷ୍ଟ୍ରର ଜାଲ୍ ଭିସା ତିଆରି କରି ଦିଆଯାଇଥିଲା । ମାସକୁ ପ୍ରାୟ ୩୦ରୁ ୬୦ ଭିସା ବିକ୍ରି କରାଯାଉଥିଲା । ଏଥିପାଇଁ ସାମାଜିକ ଗଣମାଧ୍ୟମକୁ ମାଧ୍ୟମ କରାଯାଇଥିଲା । ଏହା ମାଧ୍ୟମରେ ଅର୍ଡର ଆସୁଥିଲା । ଏ ପର୍ଯ୍ୟନ୍ତ ୫ ହଜାରରୁ ଅଧିକ ଜାଲ୍ ଭିସା ଦିଆଯାଇଛି । ଏହି ବାବଦକୁ ୩୦୦ କୋଟିରୁ ଅଧିକ ଟଙ୍କା ଆୟ କରାଯାଇଛି । ଗୋଟିଏ ଜାଲ୍ ଭିସା ପାଇଁ ୮-୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଆଯାଉଥିଲା । ବିଦେଶରେ ଚାକିରି କରିବାକୁ ଚାହୁଁଥିବା ଲୋକଙ୍କୁ ନିଶାଣ କରାଯାଉଥିଲା । ଏଥିପାଇଁ ବିଭିନ୍ନ ରାଜ୍ୟରେ ଏକ ଗ୍ୟାଙ୍ଗ କାମ କରୁଥିଲା । ଏମାନେ ବିଦେଶରେ ଚାକିରି କରିବାକୁ ଚାହୁଁଥିବା ଲୋକଙ୍କୁ ନିଶାଣ କରି ଜାଲ୍ ଭିସା ମାଧ୍ୟମରେ ପଠାଇଥିଲେ । ପ୍ରଥମ ଥର ପାଇଁ ଗତ ୨ ତାରିଖରେ ଏହି ମାମଲା ସାମ୍ନାକୁ ଆସିଥିଲା । ଜାଲ୍ ସ୍ୱିଜରଲାଣ୍ଡ ଭିସା ସହ ଦିଲ୍ଲୀ ବିମାନବନ୍ଦରରୁ ହରିୟାଣାର ସନ୍ଦୀପଙ୍କୁ ଗିରଫ କରାଯାଇଥିଲା । ତାଙ୍କୁ ଜେରା କରିବା ପରେ ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିଥିଲା । ତାଙ୍କ ଗ୍ରାମର ଅନେକ ଲୋକ ଏହି ଭିସା ମାଧ୍ୟମରେ ବିଦେଶ ଯାଇଥିବା ସେ କହିଥିଲେ । ଆସିଫ ଅଲ୍ଲୀ ନାମକ ଏଜେଣ୍ଟ ୧୦ ଲକ୍ଷ ଟଙ୍କା ନେଇ ତାଙ୍କୁ ଏହି ଭିସା ଦେଇଥିଲେ । ସନ୍ଦୀପଙ୍କ ସୂଚନା ଆଧାରରେ ପୋଲିସ ଏହି ଗ୍ୟାଙ୍ଗର ଆସିଫ ଏବଂ ତାର ଦୁଇ ସହଯୋଗୀ ଶିବା ଗୌତମ ଓ ନବୀନ ରାଣାକୁ ଗିରଫ କରିଥିଲା । ଏମାନଙ୍କ ସୂଚନା ଆଧାରରେ ପରେ ବଲବୀର ସିଂହ ଏବଂ ଜସବିନ୍ଦର ସିଂହଙ୍କୁ ଗିରଫ କରାଯାଇଥିଲା । ତିଲକନଗରର ଜାଲ୍ ଭିସା କାରଖାନାରେ ଚଢ଼ଉ କରି ମୋଙ୍ଗାକୁ ଗିରଫ କରିଥିଲା । ସେ ଗ୍ରାଫିକ୍ ଡିଜାଇନ୍‌ରେ ଡିପ୍ଲୋମା କରିଥିଲା । ଜଗଦୀପ ସିଂହଠାରୁ ସୂଚନା ପାଇ ଜାଲ୍ ଭିସା କାରବାରରେ ପାଦ ଦେଇଥିଲା । ସେ କେଇ ମିନିଟ୍ ମଧ୍ୟରେ ଅନେକ ଦେଶର ଭିସା ଷ୍ଟିକର ପ୍ରସ୍ତୁତ କରିପାରୁଥିଲା । ଜଗଦୀପ ଏ ସମ୍ବନ୍ଧିତ ସୂଚନା ମନୋଜକୁ ଦେଇଥିଲା । ଟେଲିଗ୍ରାମ୍, ସିଗ୍‌ନାଲ୍ ଏବଂ ହ୍ୱାଟ୍ସଆପ୍ ମାଧ୍ୟମରେ ଯୋଗାଯୋଗ କରାଯାଉଥିଲା । ସ୍ଥାନୀୟ ଏଜେଣ୍ଟଙ୍କ ମାଧ୍ୟମରେ ବିଦେଶରେ ଚାକିରି ଖୋଜୁଥିବା ଲୋକଙ୍କୁ ଖୋଜାଯାଉଥିଲା । ବିମାନବନ୍ଦରର ଡିସିପି ଉଷି ରଙ୍ଗରାଣୀ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୧୬ ନେପାଳୀ, ୨ ଭାରତୀୟ ୩୦ ଭିସା ଷ୍ଟିକର, ୨୩ ଭିସା ଷ୍ଟାମ୍ପ ଜବତ କରାଗଲାଣି । ଜାଲ୍ ପାସ୍‌ପୋର୍ଟ ପ୍ରସ୍ତୁତିରେ ବ୍ୟବହୃତ ଡାଇ ମେସିନ୍, ପ୍ରିଣ୍ଟର, ଲାମିନେଟିଂ ସିଟ୍, ଲ୍ୟାପ୍‌ଟପ୍ ୟୁଭି ମେସିନ୍ ଆଦି ଜବତ କରାଯାଇଛି । ଅନ୍ୟପକ୍ଷରେ ଯୁବବର୍ଗଙ୍କୁ ଚାକିରି ଦେବାକୁ କହି ଫସାଇଥିବା ୨୫ ଟ୍ରାଭେଲ୍ ଏଜେନ୍ସିଙ୍କୁ ପଞ୍ଜାବ ପୋଲିସ ଚିହ୍ନଟ କରିଛି । ଏ ନେଇ ୨୦ ଏତଲା ରୁଜୁ କରାଯାଇଛି ।



## ଖଣିରେ ପଥର ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡପୁର କଳପଥର ଖଣିରେ ଶନିବାର ଦିନ ପଥର ତଳେ ଚାପିହୋଇ ଜଣେ ଶ୍ରମିକର ମୃତ୍ୟୁ ଘଟୁଛି । ଏହି ଖଣି ନିକଟରେ କମ୍ପ୍ରେସର ମେସିନ୍ ସାହାଯ୍ୟରେ ବେଆଇନ୍ ଖନନ ବେଳେ ବିରାଟ ପଥରଖଣ୍ଡ ଶ୍ରମିକଙ୍କ ଉପରେ ଖସିପଡ଼ିଥିଲା । ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଖବରପାଇ ଜେନାପୁରଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ଯାଜପୁର ଜିଲ୍ଲା ଖଣି ଅଧିକାରୀ ଜୟପ୍ରକାଶ ନାୟକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତ । ଶ୍ରମିଙ୍କର ନାମ ଅଜୁ ସିଂ ଘର ବାଲେଶ୍ୱର ଜିଲ୍ଲାର ମିତ୍ରପୁରରେ ବୋଲି ଜଣାପଡ଼ିଛି ।

## ଲୁଣା ପାଣି ମାଡ଼ିଯାଇ ୩୦୦ ଏକର ଧାନ ଫସଲ ଉଜୁଡ଼ିଲା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଚାଷୀଙ୍କ ବର୍ଷକର ଆହାର ଛଡାଇ ନେଲା ଲୁଣିପାଣି । ମୁଣ୍ଡଝାଳ ତୁଣ୍ଡରେ ମାରି ଧାର କରଜ କରି ଚାଷ କାର୍ଯ୍ୟ କରିଥିବା ଫସଲକୁ ଖାଇଗଲା ଲୁଣିପାଣି । ଚାନ୍ଦବାଲି ବ୍ଲକ ପ୍ରଶାସନ ହେଉ କିମ୍ବା ତହସିଲ ପ୍ରଶାସନ ତଦନ୍ତ କରି କ୍ଷତିପୂରଣ ନ ଦେଲେ ଆମରଣ ଅନଶନର ଚେତାବନୀ ଦିଆଯାଇଛି । ଏମିତି ଘଟଣା ଦେଖିବାକୁ ମିଳିଛି ଚାନ୍ଦବାଲି ବ୍ଲକ ନଳଗୋହିରା ପଞ୍ଚାୟତ ବଡରୁପା ଗାଁରେ । ୨ ଶହରୁ ଅଧିକ ଚାଷୀଙ୍କ ମୁଣ୍ଡରେ ଏବେ ଚଡକ ମୁଣ୍ଡ ଝାଳ ତୁଣ୍ଡରେ ମାରି ଧାର କରଜ ନିଜ ପେଟ ପୋଷିବା ପାଇଁ କରିଥିବା ବର୍ଷକର ଆହାର ଏବେ ସମୁଦ୍ର ଲୁଣାପାଣି ଖାଇଯାଇଛି । ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ଚାନ୍ଦବାଲି ଚାଷୀ ମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ବେଳେ ଏବେ ଦାଉ ସାଜିଛି ଲୁଣାପାଣି । ୩୦୦ ଏକରରୁ ଅଧିକ ଚାଷ ଜମିରେ ତଳିରୁଆ ଏବେ ସମ୍ପୂର୍ଣ୍ଣ ପଚି ନଷ୍ଟ ହୋଇଯାଇଛି । ଚାଷୀ ମାନଙ୍କ ଅଭିଯୋଗ ପାଖରେ ଥିବା କେନାଲରୁ ଲୁଣାପାଣି ଆମ ଜମିରେ ମାଡି ଯାଉଛି ଫଳରେ ତଳିରୁଆ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି । ଏନେଇ ଚାଷୀକୁଳ ହତାଶ । ଚାଷୀମାନଙ୍କ ଅଭିଯୋଗ ନୂତନ ସରକାର ଯଦି ଏବିଷୟରେ ତଦନ୍ତ କରି କେନାଲର ପୁନରଉଦ୍ଧାର କରିବା ସହିତ କେନାଲ ମୁହାଣରେ ଗୋଟିଏ ସ୍ଲୁଇସ୍ ଗେଟ୍ ସ୍ଥାପନ କରାଯାଆନ୍ତା ତାହେଲେ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି ।

## ଦେଶରେ ମାତୃଶକ୍ତିର ବିକାଶ ପାଇଁ ମୋଦି ସରକାର ଗୁରୁତ୍ୱ ଦେଉଛନ୍ତି

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**





ଯାଜପୁର ଜିଲ୍ଲାରେ 'ସୁଭଦ୍ରା' ସ୍ୱାଗତ ପଦଯାତ୍ରା

ମିଶନଶକ୍ତି ଭବନ ଠାରେ ସୁଭଦ୍ରା ସ୍ୱାଗତ ପଦଯାତ୍ରାକୁ ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ଅଂଶୁମାନ ଶତପଥି, ତହସିଲଦାର, ଯାଜପୁର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଚେତନତା ପଦଯାତ୍ରା ମିଶନଶକ୍ତି ଭବନରୁ ବାହାରି ମେଡିକାଲ ଓ ଗାନ୍ଧୀ ଛକ ଦେଇ ଗୌତମ ବୁଦ୍ଧ ସଂସ୍କୃତି ଭବନ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ପରେ ସଂସ୍କୃତି ଭବନ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଡା. ବେହେରା କହିଲେ ସୁଭଦ୍ରା ଯୋଜନା ବର୍ତ୍ତମାନ ସାରା ଭାରତ ବର୍ଷରେ ଏକ ଚର୍ଚ୍ଚାର ବିଷୟ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁବଶକ୍ତି, ମାତୃଶକ୍ତି, ଅନ୍ନଦାତା କୃଷକ ଓ ଗରୀବର ବିକାଶ ପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି । ରାଷ୍ଟ୍ର ବିକଶିତ ହେବାପାଇଁ ପଚାଶ ଶତକଡା ମାତୃଶକ୍ତିର ବିକାଶ ଦରକାର ମହିଳା ମାନଙ୍କର ହାତଖର୍ଚ୍ଚ ପାଇଁ ଏହି ରାଶି ସହାୟକ ହୋଇପାରିବ । ଓଡ଼ିଶାର ବିକାଶ ସହିତ ଯାଜପୁରର ବିକାଶ ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଅଧକ୍ଷତା କରି କହିଲେ ରାଜ୍ୟ ସରକାରଙ୍କ ନୂଆ ଯୋଜନା ସୁଭଦ୍ରା ଯୋଜନା ଭାରତର ପ୍ରଧନମନ୍ତ୍ରୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହି ଯୋଜନା ୧୭ ତାରିଖରେ ଉଦ୍‌ଘାଟନ ହେବାକୁ ଯାଉଛି । ଆମ ଜିଲ୍ଲାରେ ଯୋଗ୍ୟ ମହିଳା ହିତାଧିକାରୀମାନେ ଜନସେବାକେନ୍ଦ୍ର ଓ ମୋସେବା କେନ୍ଦ୍ରରେ ନିଜ ନାମ ପଞ୍ଜିକରଣ କରୁଛନ୍ତି । ଏହି ଯୋଜନାରେ ବର୍ଷକୁ ଦୁଇଟି କିସ୍ତିରେ ପାଞ୍ଚ ହଜାର ଲେଖା ଦଶହଜାର ଓ ପାଞ୍ଚ ବର୍ଷରେ ପଚାଶ ହଜାର ଟଙ୍କା ଆର୍ଥିକ ସହାୟତା ପାଇବେ । ଏହି ଯୋଜନାରେ ନାରୀ ସଶକ୍ତିକରଣ ବହୁତ ଆଗକୁ ଯିବ । ରେଜିଷ୍ଟ୍ରସନ୍ ପାଇଁ କୌଣସି ଦେୟ ଦେବାକୁ ପଡିବନାହିଁ । ଯଦି କୌଣସି କେନ୍ଦ୍ରରେ ଏଥିପାଇଁ ଟଙ୍କା ଦାବି କରନ୍ତି ତାହା ପ୍ରଶାସନ ଦୃଷ୍ଟିକୁ ଆଣିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ପଦଯାତ୍ରାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ । ଅତିଥି ଓ ମହିଳାମାନେ ସୁଭଦ୍ରା ଯୋଜନା ଦସ୍ତଖତ ଅଭିଯାନରେ ସାମିଲ୍ ହୋଇଥିଲେ ।

## ରୋଟାରୀ କ୍ଲବ ଆଠଗଡ଼ର ସଂସ୍ଥାପନ ଦିବସ

## ନିଃସ୍ୱାର୍ଥପର ସେବା ହିଁ ପ୍ରତ୍ୟେକ ରୋଟାରିୟାନ୍‌ର ବ୍ରତ:ଜିଲ୍ଲା ଗଭର୍ଣ୍ଣର





**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ନିଃସ୍ୱାର୍ଥପର ସେବା ହିଁ ପ୍ରତ୍ୟେକ ରୋଟାରିୟାନ୍‌ର ବ୍ରତ ହେବା ଜରୁରୀ ବୋଲି ସ୍ଥାନୀୟ ରୋଟାରୀ କ୍ଲବ ଆଠଗଡ ପକ୍ଷରୁ ଅନୁଷ୍ଠିତ ସଂସ୍ଥାପନ ଦିବସ ଅବସରରେ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଯାଗନେଶ ମହାପାତ୍ର ପ୍ରକାଶ କରିଛନ୍ତି । ଏହାସହିତ ପ୍ରତ୍ୟେକ ଅଭାବି ଅସୁବିଧାର ଲୋକଙ୍କ ମୁହଁରେ ହସ ଫୁଟାଇବା ପ୍ରତ୍ୟେକ ରୋଟାରିୟାନ୍‌ର ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଆଠଗଡ ରୋଟାରୀ କ୍ଲବର ଚଳିତ ବର୍ଷର ସଭାପତି ସୁରେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ମାନୀତ ଅତିଥିଭାବେ ସ୍ନାୟୁ ବିଭାଗର ପ୍ରଫେସର ଯୋଗଦେଇ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥିଭାବେ ରୋଟାରିୟାନ ରମେଶ ଚନ୍ଦ୍ର ମହାନ୍ତି ଯୋଗଦେଇ କ୍ଲବର ଆଭିମୁଖ୍ୟ ସମ୍ପର୍କରେ ଧାରଣାମାନ ରଖିଥିଲେ । ଏହି ଅବସରରେ ଜିଲ୍ଲା ଗଭର୍ଣ୍ଣର ଶ୍ରୀ ମହାପାତ୍ର ନୂତନ ସଭାପତିଙ୍କୁ ଶପଥ ପାଠ କରାଇବା ସହିତ ନୂତନ ଭାବେ ରୋଟାରୀ ସଦସ୍ୟତା ଗ୍ରହଣ କରିଥିବା ମନୋରଞ୍ଜନ ପଟ୍ଟନାୟକଙ୍କୁ ମଧ୍ୟ ଶପଥ ପାଠ କରାଇଥିଲେ । ରୋଟାରିୟାନା ରମେଶ କୁମାର ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ନୂତନ ଭାବେ ସମ୍ପାଦକ ଦାୟିତ୍ୱ ନେଇଥିବା ବେଣୁଧର ଜେନାଙ୍କ ପରିଚାଳନାରେ ଶିକ୍ଷାକ୍ଷେତ୍ରରେ ପ୍ରଫେସର ପ୍ରମୋଦ କୁମାର ମହାନ୍ତି ଏବଂ ସେବାକ୍ଷେତ୍ରରେ ଉପଖଣ୍ଡ ଚିକିତ୍ସାଳୟର ଅଧକ୍ଷ ଡାକ୍ତର ବିଜୟ କୁମାର ମିଶ୍ର ଏବଂ ସାମ୍ବାଦିକ ସୁଧାଂଶୁରଂଜନ ଦାଶଙ୍କୁ ଉପଢୌକନ ମାନପତ୍ର ସହିତ ସମ୍ମାନୀତ କରାଯାଇଥିଲା । କାର୍ଯ୍ୟକ୍ରମରେ ଇନର୍ ହୁଇଲ୍ କ୍ଲବର ସମସ୍ତ ସଭ୍ୟା ଉପସ୍ଥିତ ରହିଥିବାବେଳେ କାର୍ଯ୍ୟକ୍ରମକୁ ଉପସଭାପତି ରୋଟାରିୟାନ୍ ସୁନିଲ କୁମାର ମହାନ୍ତି, ଡା. ଭୁବନାନନ୍ଦ ଦାସ, ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ପ୍ରଣବ କୁମାର ଦାଶ, ମହେଶ ପ୍ରସାଦ ଦାଶ, ପ୍ରଭାକର ପଟ୍ଟନାୟକ, ଅଶିତ ଶେଖର ପଟ୍ଟନାୟକ, ଲକ୍ଷ୍ମଣ ବିଶ୍ୱାଳ, ଅଲୁପ କୁମାର ଦାଶ, ହାଡିବନ୍ଧୁ ସାହୁ, ଚନ୍ଦ୍ରଶେଖର ଦାସ, ଶିବ ଲୋଚନ ସାହୁ ସେମତ ବହୁ ରୋଟାରିୟାନ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର







**ମେଷ:** ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ । ଦେହ ଓ ମନ ଭଲ ରହିବ । ଦେବ ଦର୍ଶନ ସହ ଶୁଭ କାର୍ଯ୍ୟ ମଧ କରିପାରନ୍ତି । ରୋଜଗାର ଭଲ ହେବ । ଘରେ ଆନନ୍ଦ ଦେଖାଦେବ ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ନୂତନ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଚିନ୍ତା କରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ଅତିବାହିତ ହେବାର ସୂଚନା ।



**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଅସନ୍ତୋଷ ଦେଖାଦେବ । ମହିଳାମାନେ ଗର୍ବୀ ହେବେ ।



**କର୍କଟ:** ସତକଥା କହି ବନ୍ଧୁଙ୍କ ପାଖରେ ବିରୋଧି ହୋଇପାରନ୍ତି । ଦାମ୍ପତ୍ୟ ଜୀବନରେ କଳହ ଦେଖାଦେଇପାରେ । ମନ ଅସ୍ଥିର ରହିବ । ଆର୍ଥିକ ସ୍ଥିତି ମଧ୍ୟମ ଧରଣର ହେବ । ପିଲାମାନେ ପଢ଼ାପଢ଼ିରେ ଅବହେଳା କରିବେ ।



**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ରୋଜଗାର ସ୍ଥିର ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମହିଳାମାନେ ସୁଖୀ ହେବେ । ଭ୍ରମଣ ଯୋଗ ମଧ ରହିପାରେ ।



**କନ୍ୟା:** ସାଧନାରେ ସିଦ୍ଧି ଲାଭ କରିବେ । ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାରି ବିଳମ୍ବ ହୋଇପାରେ । ଆୟ ଓ ବ୍ୟୟ ସ୍ଥିର ରହିବ । ଘରେ ଶାନ୍ତି ରହିବ ।



**ତୁଳା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ପରୋପକାରୀ ହେବାର ସୂଚନା । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା ।



**ବିଛା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ର ସୁରୁଖୁରୁରେ ସମ୍ପାଦାନ ହେବ । ଶରୀର ସୁସ୍ଥ ରହିବ । ଶତ୍ରୁଙ୍କ ଠାରୁ ଦୂରେଇ ରୁହନ୍ତୁ । ଖର୍ଚ୍ଚର ପରିମାଣ ସାମାନ୍ୟ ବଢ଼ିବ । ଘରେ ଶାନ୍ତିର ବାତାବରଣ ରହିବ ।



**ଧନୁ:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ବେପାର ବାଣିଜ୍ୟକ୍ଷେତ୍ରରେ ଲାଭବାନ୍ ହେବେ । ଶୁଭ କାର୍ଯ୍ୟ କରିବା ନିମନ୍ତେ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇପାରେ । ପାରିବିରକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ମକର:** ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । କର୍ମକ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । ରୋଜଗାର ଭଲ ହେବ । ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଶରୀରରେ ସାମାନ୍ୟ ପୀଡ଼ା ଅନୁଭବ କରିପାରନ୍ତି ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ଘରେ ଶାନ୍ତିର ପରିସ୍ଥିତି ସୃଷ୍ଟି ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି ।



**ମୀନ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବ ନାହିଁ । ଏଣୁ ସାବଧାନ ରହିବେ । ଖର୍ଚ୍ଚର ପରିମାଣ ବଢ଼ିବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ସୃଷ୍ଟି ହୋଇପାରେ । ଘରେ ଅଶାନ୍ତି ଓ ବିଶୃଙ୍ଖଳା ଦେଖାଦେବ ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୭।୯।୨୦୨୪, ଆଶ୍ୱିନ ଦି୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୪।୩୨** **ଚନ୍ଦ୍ରୋଦୟ- ସଂଘ୫।୨୨।୧୩**

**ଚତୁର୍ଦ୍ଦଶୀ-** ଦିଘ ୧୧।୪୫ ପର୍ଯ୍ୟନ୍ତ । **ଶତଭିଷା ନକ୍ଷତ୍ର-** ଦିଘ ୧।୫୩ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଏବଂ ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୧।୪୫ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୮ ଗତେ ଘ ୬।୨୭ ମଧ୍ୟେ । ଦିଘ ୮।୩୯ ଗତେ ଘ ୧୧।୧୭ ମଧ୍ୟେ । **ପର୍ବୋତ୍ସବ -** ଇନ୍ଦୁ ପୂର୍ଣ୍ଣିମା, ଅନନ୍ତ ବ୍ରତ, ଚନ୍ଦ୍ର ପୂଜା ।

## ଜଳଯୋଗାଣ ବନ୍ଦ:ଲୋକେ ହଟହଟା

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଭିଷ୍ଣୁଗିରି ଗ୍ରାମକୁ ଦଶ ଦିନ ହେଲା ପାଇପ୍ ଦ୍ୱାରା ପାନୀୟ ଜଳ ଯୋଗାଣ ବନ୍ଦ ରହିଛି । ଗ୍ରାମର ଗୁଡିଆ ତୋଟାରେ ଥିବା ପାଣି ଟାଙ୍କିର ମୋଟର ପୋଡି ଯାଇଥିବାରୁ ପାଣି ପାଇପ୍‌ରେ ଯୋଗାଣ ସମ୍ଭବପର ହେଉନି । ଫଳରେ ସ୍ଥାନୀୟ ଲୋକେ କୂଅ ପୋଖରୀର ଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି । ଏଣୁ ତୁରନ୍ତ ଏହି ମୋଟର ମରାମତି କରି ପାଇପ୍ ପାଣି ଯୋଗାଇବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୮।୯।୨୦୨୪, ଆଶ୍ୱିନ ଦି୩ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩୪।୪୪** **ଚନ୍ଦ୍ରୋଦୟ- ସଂଘ୬।୦୨।୫୭**

**ପୂର୍ଣ୍ଣମା-** ଦିଘ ୮।୦୪ ପର୍ଯ୍ୟନ୍ତ । **ପ୍ରତିପଦ କ୍ଷୟ** । **ପୂର୍ବ ଭାଦ୍ର ନକ୍ଷତ୍ର-** ଦିଘ ୧୧।୦୪ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ପ୍ରାଘ ୫।୪୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ପ୍ରାଘ ୫।୪୪ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ପ୍ରାଘ ୫।୪୪ ଗତେ ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୮।୦୪ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୮ ଗତେ ଘ ୮।୦୩ ମଧ୍ୟେ । ଦିଘ ୧।୪୧ ଗତେ ଘ ୪।୦୬ ମଧ୍ୟେ । **ପର୍ବୋତ୍ସବ -** ଭାଗବତ ଜନ୍ମ । ଅପରପକ୍ଷ ତର୍ପଣ ଆରମ୍ଭ ।

୬ ଫାଇନାଲରେ ଅପରାଜେୟ ଭାରତୀୟ ହକି ଟିମ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା–୩

ଦର୍ପଣେ ବାଧ୍ୟକାରରେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୨୩୧ ● ୧୭ ସେପ୍ଟେମ୍ବର ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-231 ● 17th September 2024, Tuesday ● Bhubaneswar | Licensed to post without pre-payment of postage No- BN-60/22-24


# ଆଜି ଆସୁଛନ୍ତି ମୋଦି: ଦେବେ ସୁଭଦ୍ରା ପ୍ରଥମ କିସ୍ତି

**ଭୁବନେଶ୍ୱର, ୧୬।୯**
**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନିଜର ଜନ୍ମ ଦିନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଭୁବନେଶ୍ୱର ଜନତା ମଇଦାନରେ ସୁଭଦ୍ରା ଯୋଜନା ଓ ଗାଡ଼କଣରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶୁଭାରମ୍ଭ କରିବେ । ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତର ଚୂଡ଼ାନ୍ତ କାର୍ଯ୍ୟସୂଚୀ ଅନୁସାରେ ପୂର୍ବାହ୍ନ ୧୦ଟା ୫୦ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରୁ ସିଧାସଳଖ ଗାଡ଼କଣ ଗାଁକୁ ଯିବେ। ୧୧ଟା ୧୦ରେ ଗାଡ଼କଣ ଗାଁରେ ପହଞ୍ଚିବେ । ପ୍ରଧାନମନ୍ତ୍ରୀ ୧୧ଟା ୧୫ରୁ ୧୧ଟା ୪୫ ଯାଏ ପିଏ୍ଆବାସ ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ ୨୦ଜଣ ହିତାଧିକାରୀଙ୍କୁ କିସ୍ତି ପ୍ରଦାନ କରିବେ। ୧୧ଟା ୪୫ରେ ପ୍ରଧାନମନ୍ତ୍ରୀ ଗାଡ଼କଣରୁ ବାହାରି ୧୧ଟା ୫୫ରେ ଜନତା ମଇଦାନରେ ପହଞ୍ଚିବେ । ଜନତା ମଇଦାନରେ ଆୟୋଜିତ ସୁଭଦ୍ରା ସମାରୋହରେ ପ୍ରଧାନମନ୍ତ୍ରୀ ଯୋଗଦେବା ସହ କିଛି ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରିବେ। *(ପୃଷ୍ଠା ୭ରେ)*



- ଭୁବନେଶ୍ୱରରେ ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ଯାଏଁ କଟକଣା
- ସିସିଟିଭି ନଜରରେ ରହିବ ବିମାନ ବନ୍ଦରରୁ ଜୟଦେବ ବିହାର-ଜନତାମଇଦାନ ସଭାମଞ୍ଚ
- ଗାଡକଣରେ ପିଏମ୍ଆବାସ ହିତାଧିକାରୀଙ୍କ ସହ ଆଲୋଚନା ଓ କିସ୍ତି ପ୍ରଦାନ

### ଆଜି ପ୍ରଥମ କିସ୍ତି, ପର୍ଯ୍ୟାୟକ୍ରମେ ଅନ୍ୟମାନେ ପାଇବେ

# ମାର୍ଚ୍ଚ ୮ ପର୍ଯ୍ୟନ୍ତ ଚାଲିବ ସୁଭଦ୍ରା ପଞ୍ଜିକରଣ

**ଭୁବନେଶ୍ୱର, ୧୬।୯**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ବିଜେପି ସରକାରଙ୍କ ମହତ୍ୱାକାଂକ୍ଷୀ ସୁଭଦ୍ରା ଯୋଜନାକୁ ନେଇ ରହିଥିବା ଦ୍ୱନ୍ଦ୍ୱକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦୂର କରିବାକୁ ପ୍ରୟାସ କରିଛନ୍ତି । ସେ କହିଛନ୍ତି ସୁଭଦ୍ରା ଯୋଜନା ପାଇଁ ହିତାଧିକାରୀଙ୍କ ଆବେଦନ ଓ ପଞ୍ଜିକରଣ ପ୍ରକ୍ରିୟା ଆସନ୍ତାବର୍ଷ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଚାଲିବ।

ମଙ୍ଗଳବାର (ସେପ୍ଟେମ୍ବର ୧୭) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାର ଶୁଭାରମ୍ଭ କରିବା ପରେ ଯୋଗ୍ୟ ହିତାଧିକାରୀଙ୍କ *(ପୃଷ୍ଠା ୭ରେ)*



- ଆକାଉଣ୍ଟକୁ ଏକ ଟଙ୍କା ଯାଇନଥିଲେ ବି ପାଇବେ ସୁଭଦ୍ରା କିସ୍ତି
- ଫେକ୍ କଲ୍ ପ୍ରତି ସତର୍କ ରହିବାକୁ ଲୋକଙ୍କୁ ପରାମର୍ଶ ଦେଲା ବିଭାଗ

# ବଦଳିଲା ନିୟମ : ୟୁପିଆଇରୁ ହେବ ୫ ଲକ୍ଷ ପର୍ଯ୍ୟନ୍ତ ଟିକସ ପେମେଣ୍ଟ

**ନୂଆଦିଲ୍ଲୀ, ୧୬।୯**

ବର୍ତ୍ତମାନ ସମୟରେ ସାରା ଦେଶରେ ଡିଜିଟାଲ ପେମେଣ୍ଟର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସରକାର ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ) ସିଷ୍ଟମରେ ଏକ ବଡ଼ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ସରକାରଙ୍କ ପକ୍ଷରୁ ଜାରି ଏକ ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ, କରଦାତା ଖୁବଶୀଘ୍ର ୟୁପିଆଇରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସପେମେଣ୍ଟ କରିପାରିବେ। ପୂର୍ବରୁ ଏହି ସୀମା ଖୁବ କମ ରହିଥିଲା। ତେଣୁ ଏହି ପରିବର୍ତ୍ତନ କରଦାତାଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ହେବ।

ଦେଶର ଲକ୍ଷ ଲକ୍ଷ କରଦାତାଙ୍କ ପାଇଁ ୟୁପିଆଇ ଜରିଆରେ ଟିକସ ପୈଠ କରିବାର ସୀମାରେ ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ) ବୃଦ୍ଧି *(ପୃଷ୍ଠା ୭ରେ)*

# ମହଙ୍ଗା ହେଲା ଖାଇବା ତେଲ

**ଭୁବନେଶ୍ୱର, ୧୬।୯**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପନିପରିବା ଓ ପିଆଜ ଦର ବୃଦ୍ଧି ପରେ ଏବେ ମହଙ୍ଗା ହୋଇଛି ଖାଇବା ତେଲ । ଲିଟର ପିଛା ୨୦ଟଙ୍କା ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ପାମୋଲିନ୍, ସୂର୍ଯ୍ୟମୁଖୀ ଓ ସୋୟାବିନ ତେଲ ଉପରେ ଆମଦାନୀ ଶୁଳ୍କ ବଢାଇଛନ୍ତି ସରକାର। ଏହାର ସିଧାସଳଖ ପ୍ରଭାବ ସାଧାରଣ ଖାଉଟୀଙ୍କ ପକେଟ ଉପରେ ପଡ଼ିଛି। ଖୁଚୁରା ବଜାରରେ ବିଭିନ୍ନ ପ୍ରକାରର ଖାଇବା ତେଲ ଦରରେ ୨୦ଟଙ୍କା ବୃଦ୍ଧି ପାଇବାରୁ ଏବେ ସୋରିଷ ତେଲ ଦର ଲିଟର ପିଛା ୧୬୦ଟଙ୍କା ହୋଇଛି। ସେହିପରି ବିଭିନ୍ନ ପ୍ରକାର ସନ ଫ୍ଲାୱାର ତେଲ ପୂର୍ବରୁ ଲିଟର ପିଛା ୧୦୦ରୁ ୧୧୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ବିଭିନ୍ନ ସ୍ଥାନରେ ୧୨୦ରୁ ୧୩୦ ଟଙ୍କା ଦାମରେ ବିକ୍ରି ହେଉଛି । ଏହା ଗ୍ରାହକଙ୍କ ଲାଗି ବୋଝ ଉପରେ ଲଳିତା ବିଡା ପାଲଟିଛି।

# ଶୋଭାଯାତ୍ରା ବେଳେ ଉଡିଲା ପାଲେଷ୍ଟାଇନ ପତାକା !

**କଟକ , ୧୬।୯ : ନ୍ୟୁଜ୍ ବ୍ୟୁରୋ**

ପାଲେଷ୍ଟାଇନ ପତାକା ଉଡାଇବାକୁ ନେଇ କିଛି ସମୟ ପାଇଁ ଜୁଲୁସ ଶୋଭାଯାତ୍ରା ବନ୍ଦ ରହିଥିଲା। ଘଟଣାସ୍ଥଳରେ ବରିଷ୍ଠ ପୁଲିସ ଅଧିକାରୀ ପହଞ୍ଚି ବୁଝାସୁଝା କରିବା ପରେ ଜୁଲୁସ ଶୋଭାଯାତ୍ରା ପୁଣି ଆରମ୍ଭ ହୋଇଥିଲା।

ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ କଟକରେ ଜୁଲୁସ ଶୋଭାଯାତ୍ରା ବେଳେ ପାଲେଷ୍ଟାଇନ ପତାକା ଉଡିଥିବା ଅଭିଯୋଗ ହୋଇଛି। ଦରଘାବଜାର ଥାନା ଅଞ୍ଚଳରେ ଜୁଲୁସ ଶୋଭାଯାତ୍ରା ଚାଲିଥିବା ବେଳେ ଜଣେ ଯୁବକ ପତକା ଉଡାଉଥିବା ଅଭିଯୋଗ ହୋଇଛି । ଘଟଣାସ୍ଥଳରେ ଦରଘାବଜାର ଥାନା ପୁଲିସ ପହଞ୍ଚି ସଂପୃକ୍ତ ଯୁବକଙ୍କୁ ତାଗିଦ କରିବା *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ସରକାରୀ ମଦ ଦୋକାନରେ ନକଲି ମଦ



- ମଦୁଆଙ୍କ ଅକଲ ଗୁଡୁମ୍
- ୫୦ ଲକ୍ଷରୁ ଅଧିକ ଟଙ୍କାର ମଦ ବୋତଲ ଭଙ୍ଗା ହେଲା
- ୫ ଗିରଫ, ମାଲିକ ଫେରାର

**ଭୁବନେଶ୍ୱର, ୧୬।୯**
**ନ୍ୟୁଜ୍ ବ୍ୟୁରୋ**

ରାଜଧାନୀର ବରମୁଣ୍ଡାରେ ଥିବା ଏକ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ଦୀର୍ଘ ଦିନ ଧରି ନକଲି ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ପାଇବା ପରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ ସୋମବାର ଅଚାନକ ଚଢଉ କରିଥିଲା ।

ସରକାରୀ ଲାଇସେନ୍ସପ୍ରାପ୍ତ ଏହି ମଦ ଦୋକାନୀ ଅସଲି କହି ନକଲି ମଦ ବିକୁଥିଲେ। ଦୀର୍ଘ ଦିନ ଧରି ଏହି କାରବାର ଚାଲିଆସୁଥିଲା । ଆଉ ମଦୁଆମାନେ ଅସଲି ଭାବି ନକଲି ମଦକୁ ଚାଖଣା ସହିତ ଢକଢକ କରି ପିଇ ଯାଉଥିଲେ । ହେଲେ ସୋମବାର ଅବକାରୀ ଟିମ୍‌ର ଚଢଉ ବେଳେ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ନକଲି ମଦ ମିଳିବା ପରେ ମଦୁଆଙ୍କ ଅକଲ ଗୁଡୁମ୍ ହୋଇଯାଇଛି। ଆଉ ସେମାନେ କେଉଁଦିନ କେଉଁବ୍ରାଣ୍ଡର ନକଲି ମଦ *(ପୃଷ୍ଠା ୭ରେ)*




ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ବିଦେଶୀ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାର ପ୍ରତି ଆଗ୍ରହ

ଗତ ମାସରେ ମୁହଁ ଫେରାଇ ନେଇଥିବା ବିଦେଶୀ ନିବେଶକମାନେ ପୁଣି ଥରେ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସେମାନେ ଭାରତୀୟ ଷ୍ଟକ୍ ବଜାର ପ୍ରଦର୍ଶନ ଉପରେ ଭରସା ପ୍ରକଟ କରିଛନ୍ତି । ଭାରତୀୟ ଅର୍ଥନୀତିର ଚମତ୍କାର ପ୍ରଦର୍ଶନ ସେମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ୍ୟ କରିଛି । ସେଥିପାଇଁ ବିଦେଶୀ ନିବେଶକମାନେ ଇକ୍ୱିଟି ବଜାରରେ ୪୦,୭୧୦ କୋଟି ଟଙ୍କା ନିବେଶ କରିଛନ୍ତି । ୨୦୨୪ର ବିଦେଶୀ ନିବେଶକଙ୍କ ଲାଗି ଚଳନୀୟ ଥିଲା । ସେମାନେ ପ୍ରାୟ ୨୫,୭୪୩ କୋଟି ଟଙ୍କା ଇକ୍ୱିଟି ବଜାରରେ ନିବେଶ କରିଥିଲେ । ଭାରତୀୟ ଅର୍ଥନୀତିର ପ୍ରଦର୍ଶନ ଉପରେ ସନ୍ଦେହ ହେବାରୁ ସେମାନେ ଅନ୍ୟତ୍ର ପଳାୟନ କରିଥିଲେ । ବିଦେଶୀ ନିବେଶକମାନେ ଏହି ମାସରେ ମାତ୍ର ୧୫୩୯ କୋଟି ଟଙ୍କା ଭାରତୀୟ ଇକ୍ୱିଟି ବଜାରରେ ନିବେଶ କରିଥିଲେ । ସାଧାରଣତଃ ଆମେରିକାର ବଣ୍ଡ୍ ୟିଲ୍ଡ ଆଧାରରେ ବିଦେଶୀ ନିବେଶକମାନେ ସେମାନଙ୍କ ନିବେଶ ରଣନୀତି ପ୍ରସ୍ତୁତ କରୁଛନ୍ତି । ତେବେ ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ଷ୍ଟକ୍ ବଜାର ଜରିଆରେ କେତେକ ବଡ଼ ଧରଣର ଡିଲ୍ ହୋଇଥିବାରୁ ନିବେଶ ପରିମାଣ ଅଧିକ ପ୍ରଦର୍ଶିତ ହୋଇଛି । ଏହା ବିଦେଶୀ ନିବେଶକମାନଙ୍କ ଆଚରଣର ପ୍ରକୃତ ପ୍ରତିଫଳନ ନୁହେଁ । କିନ୍ତୁ ନିବେଶରେ ଏହି ବୃଦ୍ଧିର ଧାରା ଆଗାମୀ ଦିନରେ ଜାରି ରହିବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି । ଭାରତୀୟ ଅର୍ଥନୀତି ଭଲ ପ୍ରଦର୍ଶନ କରୁଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ସୁଧ କମ୍ କରିବା ସମ୍ଭାବନା ସୃଷ୍ଟି ହୋଇଛି । ସେଥିପାଇଁ ବିଦେଶୀ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାର ପ୍ରତି ଆଗ୍ରହ ଦେଖାଇଛନ୍ତି ।

# ଆଗ୍ନେୟଗିରି ଉଦ୍ଗୀରଣ କ'ଣ ଓ କାହିଁକି (୧)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪



ସୌଜନ୍ୟ: ନ୍ୟାସନାଲ୍ ଭୌଗୋଳିକ (ଶିକ୍ଷା)

ପୂର୍ବର କେତେକ ଆଲେଖ୍ୟରେ ଆମେ ଭୂମିକମ୍ପ ବିଷୟରେ ବିସ୍ତୃତ ଭାବେ ଚର୍ଚ୍ଚା କରିଥିଲୁ । ଭୂମିକମ୍ପ ପରି ଅନ୍ୟ ଏକ ପ୍ରାକୃତିକ ଘଟନା ଆଜି ଆଲୋଚନା ଆରମ୍ଭ କରିବା । ତା ହେଲା ଆଗ୍ନେୟଗିରି । ଏଠାରେ ଅନେକ ତଥ୍ୟ ପ୍ରାମାଣିକ ଓ ପ୍ରସିଦ୍ଧ ସଂସ୍ଥାମାନଙ୍କର ଗବେଷଣାରୁ ଉଦ୍ଧାର କରାଯାଇଛି । ନ୍ୟାସନାଲ୍ ଜିଓଗ୍ରାଫିକ୍ (ଶିକ୍ଷା) ୱେବସାଇଟ୍ ଅନୁଯାୟୀ, ପୃଥିବୀର ଗଠନକୁ ଚାରୋଟି ମୁଖ୍ୟ ଉପାଦାନରେ ବିଭକ୍ତ କରାଯାଇଛି: ଭୂତଳ (କ୍ରଷ୍ଟ), ମେଣ୍ଟଲ୍, ବାହ୍ୟ ମୂଳ (କୋର) ଏବଂ ଭିତର ମୂଳ(କୋର) । ପ୍ରତ୍ୟେକ ସ୍ତରର ଏକ ସ୍ୱତନ୍ତ୍ର ରାସାୟନିକ ରଚନା, ଭୌତିକ ଅବସ୍ଥା ଅଛି ଏବଂ ଏହା ପୃଥିବୀ ପୃଷ୍ଠରେ ଜୀବନ ଉପରେ ପ୍ରଭାବ ପକାଇପାରେ । ମୂଳରୁ ଉତ୍ତାପରେ ପରିବର୍ତ୍ତନ ହେତୁ ମେଣ୍ଟଲ୍‌ରେ ଗତି, ପ୍ଲେଟଗୁଡିକ ସ୍ଥାନାନ୍ତରିତ ହୁଏ, ଯାହା ଭୂକମ୍ପ ଏବଂ ଆଗ୍ନେୟଗିରି ଉଦ୍ଗୀରଣ କରିପାରେ । ଏହି ପ୍ରାକୃତିକ ବିପଦ ଆମର ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିଥାଏ ଏବଂ କେତେକ କ୍ଷେତ୍ରରେ ଜୀବନ ଏବଂ ସମ୍ପତ୍ତି ପ୍ରତି ବିପଦ ସୃଷ୍ଟି କରିଥାଏ । କ୍ରଷ୍ଟର ମୋଟା ପ୍ରାୟ ୧୦-୭୫ କିଲୋମିଟର । ମେଣ୍ଟଲ୍ ହେଉଛି ପୃଥିବୀର ଭିତରର ଅଧିକାଂଶ ଅଂଶ ବା ୮୪ ପ୍ରତିଶତ ଅଟେ । ଏହି ମେଣ୍ଟଲଟି ପୃଥିବୀର ଘନ, ଅତ୍ୟଧିକ ଉତ୍ତପ୍ତ କୋର୍ ଏବଂ ଏହାର ପତଳା ବାହ୍ୟ ସ୍ତର, କ୍ରଷ୍ଟ ମଧ୍ୟରେ ଅବସ୍ଥିତ । ଏହି ମେଣ୍ଟଲ୍‌ଟି ପ୍ରାୟ ୨,୯୦୦ କିଲୋମିଟର ଚଉଡା, ବାହ୍ୟ କୋର୍ ପ୍ରାୟ ୨୨୫୦ କିଲୋମିଟର, ଅନ୍ତ କୋର୍ ପ୍ରାୟ ୧୨୨୦ କିଲୋମିଟରେ ଚଉଡା, ସମୁଦାୟ ୬୩୭୦ କିଲୋମିଟର ।

ଆଗ୍ନେୟଗିରି ଉଦ୍ଗୀରଣ ହେଉଛି ଏକ ପ୍ରାକୃତିକ ଘଟଣା ଯେଉଁଠାରେ ତରଳ ପଥର (ମ୍ୟାଗମା), ଆଗ୍ନେୟଗିରି ପାଉଁଶ ଏବଂ ଗ୍ୟାସ୍ ପୃଥିବୀ ପୃଷ୍ଠରୁ ଏକ ଖୋଲା କିମ୍ବା ଭେଣ୍ଟ ମାଧ୍ୟମରେ ପୃଥିବୀର ଭୂତଳରୁ ବାହାରିଥାଏ । ଧୀର ଲାଭା ପ୍ରବାହଠାରୁ ଆରମ୍ଭ କରି ବିସ୍ଫୋରକ, ପାଉଁଶ ବୋଝେଇ ବିସ୍ଫୋରଣ ପର୍ଯ୍ୟନ୍ତ ଏହି ଉଦ୍ଗୀରଣ ଆକାର ଏବଂ ତୀବ୍ରତାରେ ଭିନ୍ନ ହୋଇପାରେ ।

କେତେବେଳେ ଆଗ୍ନେୟଗିରି ଉତ୍ପନ୍ନ ହୁଏ ?

ଆଗ୍ନେୟଗିରି ହେଉଛି ଏକ ଦ୍ୱାର ବା ନିର୍ଗମ ପଥ ଯେଉଁ ବାଟେ ପୃଥିବୀର କ୍ରଷ୍ଟରେ ଥିବା ପାଉଁଶ, ଗ୍ୟାସ୍, ବାଷ୍ପ ଏବଂ ଲାଭା ନାମକ ଗରମ ତରଳ ପଥର ନିର୍ଗତ ହୋଇଥାଏ । ଯେତେବେଳେ ଲାଭା ଥଣ୍ଡା ଏବଂ କଠିନ ହୁଏ, ଏହା କୋଣ ଆକୃତିର ପର୍ବତରେ ପରିଣତ ହୁଏ ଯାହାକୁ ଆମେ ଆଗ୍ନେୟଗିରି କହୁଁ । ପୃଥିବୀର ଅଧିକାଂଶ ଆଗ୍ନେୟଗିରି ଉଭୟ ସ୍ଥଳଭାଗରେ ଏବଂ ମହାସାଗରରେ ଟେକ୍ଟୋନିକ୍ ପ୍ଲେଟର ଧାରରେ ଦେଖିବାକୁ ମିଳେ । ଏହା ଛଡା କେତେକ ପର୍ବତ ପ୍ରକୃତରେ ଆଗ୍ନେୟଗିରି ।

ଭୂମିକମ୍ପ ବିଷୟ ଆଲୋଚନା ର ଆଲେଖ୍ୟ ଗୁଡିକରେ ଟେକ୍ଟୋନିକ୍ ପ୍ଲେଟ୍ ସମ୍ବନ୍ଧରେ ଆମେ ବିସ୍ତୃତ ଭାବେ ଚର୍ଚ୍ଚା କରିଥିଲୁ । ସ୍ଥଳଭାଗରେ, ଯେତେବେଳେ ଗୋଟିଏ ଟେକ୍ଟୋନିକ୍ ପ୍ଲେଟ୍ ଅନ୍ୟଟି ତଳେ ଗତି କରେ, ଆଗ୍ନେୟଗିରି ସୃଷ୍ଟି ହୁଏ । ଉଦାହରଣ ସ୍ୱରୂପ, ସାଧାରଣତଃ ଏକ ପତଳା, ଭାରୀ ମହାସାଗରୀୟ ପ୍ଲେଟ୍ ଏକ ଘନ ମହାଦେଶୀୟ ପ୍ଲେଟ୍ ତଳେ ଗତି କରିବାବେଳେ ଏହା ଘଟେ ଏବଂ ତାପରେ ମହାସାଗରୀୟ ପ୍ଲେଟ୍‌ଟି ମେଣ୍ଟଲ୍ ଭିତରେ ବୁଡିଯାଏ । ପ୍ଲେଟରେ ଥିବା ପଥରରେ ଫସି ରହିଥିବା ପାଣି ବେଳେବେଳେ ଚିପି ହୋଇଯାଏ । ଏହାଦ୍ୱାରା କିଛି ପଥର ତରଳିଯାଏ । ତରଳାଯାଇଥିବା ପଥର ବା ମ୍ୟାଗମା, ଆଖପାଖ ପଥର ଅପେକ୍ଷା ହାଲୁକା ଏବଂ ଉପରକୁ ଉଠେ । ଏହି ମ୍ୟାଗମା ତଳେ ଥିବା ମ୍ୟାଗମା ଚାମ୍ବରରେ ସଂଗ୍ରହ ହୁଏ, କିନ୍ତୁ ଏହା ଭୂପୃଷ୍ଠଠାରୁ ଅନେକ ମାଇଲ୍ ଦୂରରେ । ଯେତେବେଳେ ମ୍ୟାଗମା ଚାମ୍ବରରେ ପର୍ଯ୍ୟାପ୍ତ ପରିମାଣର ମ୍ୟାଗମା ଗଠନ ହୁଏ, ଏହା ଭୂପୃଷ୍ଠକୁ ଯିବାକୁ ବାଧ୍ୟ ହୁଏ ଏବଂ ବିସ୍ଫୋରଣ ହୁଏ, ଯାହା ପ୍ରାୟତଃ ଆଗ୍ନେୟଗିରି ଉଦ୍ଗୀରଣ କରିଥାଏ ।

ୱାଶିଂଟନ୍‌ରେ ଥିବା ମାଉଣ୍ଟ ରେଏନର୍ ଆଗ୍ନେୟଗିରିକୁ ସକ୍ରିୟ ବୋଲି ବିବେଚନା କରାଯାଏ । ଆଗ୍ନେୟଗିରିଗୁଡିକ ପ୍ରାୟତଃ ତିନି ପ୍ରକାରରେ ଶ୍ରେଣୀଭୁକ୍ତ କରାଯାଇଛି । (୧) ସକ୍ରିୟ (ସମ୍ପ୍ରତି କିମ୍ବା ନିକଟ ଅତୀତରେ ବିସ୍ଫୋରଣ ହୋଇଥିବା), (୨) ସୁପ୍ତ (ନିକଟ ଅତୀତରେ ବିସ୍ଫୋରଣ ହୋଇନାହିଁ ମାତ୍ର ଭବିଷ୍ୟତରେ ବିସ୍ଫୋରଣ ହେବାର ଆଶଙ୍କା ଅଛି ) ଏବଂ (୩) ବିଲୁପ୍ତ (ପୁନର୍ବାର ବିସ୍ଫୋରଣ ହେବାର ଆଶଙ୍କା ନାହିଁ) ।

ଉପର ଲିଖିତ ପଦ୍ଧତି ସ୍ଥଳଭାଗ ପାଇଁ ପ୍ରଯୁଜ୍ୟ । ସେହିପରି ଜଳ ଭାଗରେ ମଧ୍ୟ ମହାସାଗରୀୟ ଆଗ୍ନେୟଗିରିଗୁଡିକ ସମୁଦ୍ର ଚଟାଣରେ ଖୋଲିଥାଏ ଏବଂ ଫାଟ ସୃଷ୍ଟି ହୁଏ । ଯାହା ମଧ୍ୟ-ମହାସାଗରର ରିଜ୍ ନାମକ ଦୁଇଟି ପ୍ଲେଟ୍ ବିସ୍ତାର କରି ମେଣ୍ଟଲ୍‌ରୁ ମ୍ୟାଗମା ଏହି ଖାଲ ସ୍ଥାନ ଗୁଡିକ ପୂରଣ କରିବା ପାଇଁ ଉଠେ । ଲାଭା ଥଣ୍ଡା ହେବା ସହିତ ଏହା ଖାଲର ଧାରରେ ନୂତନ ଭୂତଳ ସୃଷ୍ଟି କରେ । ଏହା ଉପରକୁ ଉଠିଥିବା ଦୁଇ ସମତଳ ବା ଚଟାଣ ମିଳନ ଧାର ବୋଲି କୁହାଯାଇପାରେ । ଏହି ମଧ୍ୟ-ମହାସାଗରୀୟ ମିଳନ ଧାର ଗୁଡ଼ିକ ପ୍ରକୃତରେ ଜଳ ତଳର ଆଗ୍ନେୟଗିରିର ଲମ୍ବା ଶୃଙ୍ଖଳା ଯାହା ଏକ ବେସବଲ୍ ରେ ଥିବା ସନ୍ଧି ରେଖାପରି ପୃଥିବୀକୁ ଘେରିରହିଥାଏ । ସମସ୍ତ ଆଗ୍ନେୟଗିରିର ପ୍ରାୟ ୮୦ ରୁ ୯୦ ପ୍ରତିଶତ ଭୂଗର୍ଭ ଥିବା ପ୍ଲେଟଗୁଡିକ ଅଲଗା ହୋଇଯିବା ସ୍ଥାନରେ ହୋଇଥାଏ ।



ସୌଜନ୍ୟ: ନ୍ୟାସନାଲ୍ ଜିଓଗ୍ରାଫିକ୍ (ଶିକ୍ଷା)



ସୌଜନ୍ୟ: କଲମ୍ବିଆ ଶିକ୍ଷା ।

ରିଙ୍ଗ ଅଫ୍ ଫାୟାର ହେଉଛି ପ୍ରଶାନ୍ତ ମହାସାଗରରେ ବିସ୍ଫୋରକ ଆଗ୍ନେୟଗିରିର ଏକ ବଡ଼ ବୃତ୍ତ । ବୃତ୍ତଟି ପ୍ରଶାନ୍ତ ମହାସାଗରୀୟ ପ୍ଲେଟର ଏବଂ ଆଖପାଖ ପ୍ଲେଟଗୁଡିକ ତଳେ କିଛି ଛୋଟ ପ୍ଲେଟ୍ ଯୋଗୁଁ ହେଉଥିବା ସବଡୁକେସନ୍ ଦ୍ୱାରା ହେଉଥିବା ଆଗ୍ନେୟଗିରିର ସୂଚନା ଦେଇଥାଏ । ଚିତ୍ରରେ ଦେଖାଯାଇପାରିବ ।

ଆଗ୍ନେୟଗିରି ବିସ୍ଫୋରଣର କାରଣ:

କ. ଚାପ ନିର୍ମାଣ: ମ୍ୟାଗମା ପୃଥିବୀ ପୃଷ୍ଠରେ ଥିବା ଚାମ୍ବରରେ ଜମା ହୁଏ । ଯେହେତୁ ଅଧିକ ମ୍ୟାଗମା ଯୋଡାଯାଏ, ଚାପ ବୃଦ୍ଧିପାଏ, ମ୍ୟାଗମାକୁ ଉପରକୁ ଯିବାକୁ ବାଧ୍ୟ କରିଥାଏ ।

ଖ. ପ୍ଲେଟ୍ ଟେକ୍ଟୋନିକ୍ସ: ପୃଥିବୀର ଭୂତଳକୁ ଟେକ୍ଟୋନିକ୍ ପ୍ଲେଟରେ ବିଭକ୍ତ କରାଯାଇଛି ଏବଂ ଆଗ୍ନେୟଗିରି କାର୍ଯ୍ୟକଳାପ ପ୍ରାୟତଃ ପ୍ଲେଟ୍ ସୀମାରେ ଘଟିଥାଏ । ବିବିଧ ସୀମା ରେ, ପ୍ଲେଟଗୁଡିକ ପୃଥକ ଭାବରେ ଗତି କରେ, ଯାହା ମ୍ୟାଗମାକୁ ଉଠିବାକୁ ଅନୁମତି ଦିଏ, ସେତେବେଳେ କନଭର୍ଜେଣ୍ଟ୍ ସୀମାରେ, ଗୋଟିଏ ପ୍ଲେଟ୍ ଅନ୍ୟଟି ତଳେ ବାଧ୍ୟ ହୋଇ ରହିଯାଏ ଓ ପଥର ତରଳାଇ ମ୍ୟାଗମା ସୃଷ୍ଟି କରେ ।

ଗ. ମେଣ୍ଟାଲ୍ ପ୍ଲୁମ୍: ଗରମ, ଓ ଭାସୁଥିବା ପଥର ପୃଥିବୀର ମେଣ୍ଟାଲ୍ ଭିତରୁ ଗଭୀରରୁ ଉଠି "ହଟ ସ୍ପଟ୍" ସୃଷ୍ଟି କରେ, ଯାହା ଟେକ୍ଟୋନିକ୍ ପ୍ଲେଟ୍ ମଧ୍ୟ ଭାଗରେ ମଧ୍ୟ ଆଗ୍ନେୟଗିରି ସୃଷ୍ଟି କରିପାରେ (ଯଥା, ହାୱାଇନ୍ ଦ୍ୱୀପପୁଞ୍ଜ) ।

ଘ. ଗ୍ୟାସ୍ ନିର୍ମାଣ: ମ୍ୟାଗମାରେ ତରଳିଯାଇଥିବା ଗ୍ୟାସ୍ ଯେପରିକି ଜଳୀୟ ବାଷ୍ପ, କାର୍ବନ ଡାଇଅକ୍ସାଇଡ୍ ଏବଂ ସଲଫର୍ ଡାଇଅକ୍ସାଇଡ୍ ଦ୍ରୁତ ଗତିରେ ବିସ୍ତାର ହୋଇପାରେ କାରଣ ମ୍ୟାଗମା ଭୂପୃଷ୍ଠକୁ ଆସିବା ପରେ ଚାପ କମିଯାଏ, ଯାହା ବିସ୍ଫୋରକ ବିସ୍ଫୋରଣ ଘଟାଇଥାଏ ।

ଲାଭା ହେଉଛି ତରଳି ଯାଇଥିବା ପଥର ଯାହା ଆଗ୍ନେୟଗିରିରୁ ବାହାରି ପୃଥିବୀ ପୃଷ୍ଠରେ ଦୃଢ ହୁଏ । ମୂଳତଃ ଏହି ମ୍ୟାଗମା ଭୂପୃଷ୍ଠରେ ପହଞ୍ଚିବା ପରେ ଏହାର କିଛି ଗ୍ୟାସ୍ ହରାଇଥାଏ । ଲାଭା ରଚନାରେ ଭିନ୍ନ ହୋଇଥାଏ, କିନ୍ତୁ ଏହା ମୁଖ୍ୟତଃ ନିମ୍ନଲିଖିତ ରାସାୟନିକ ପଦାର୍ଥକୁ ନେଇ ଗଠିତ ।

(୧) ସିଲିକନ୍ ଡାଇଅକ୍ସାଇଡ୍ ($SiO_2$): ଏହା ସିଲିକା ଭାବରେ ମଧ୍ୟ ଜଣାଶୁଣା ଓ ଲାଭାର ପ୍ରାଥମିକ ଉପାଦାନ (ସାଧାରଣତଃ ୪୫ % ରୁ ୭୫ % ପର୍ଯ୍ୟନ୍ତ) । ସିଲିକା ପରିମାଣ ଲାଭା ର ସାନ୍ଦ୍ରତା (ଘନତା) ଏବଂ ଉଦ୍ଗୀରଣ ପ୍ରକାରକୁ ପ୍ରଭାବିତ କରେ । ବେସାଲ୍ଟିକ୍ ଲାଭା (କମ୍ ସିଲିକା) ତରଳ ଏବଂ ସହଜରେ ପ୍ରବାହିତ ହୁଏ । ରିଓଲିଟିକ୍ ଲାଭା (ଅଧିକ ସିଲିକା) ଅଧିକ ବହଳିଆ ଓ ଅଠାଳିଆ ଏବଂ ବିସ୍ଫୋରକ ବିସ୍ଫୋରଣ ସୃଷ୍ଟି କରିପାରେ ।

(୨) ଧାତୁ ଅକ୍ସାଇଡ୍: ଲାଭାରେ ଧାତୁ ଅକ୍ସାଇଡ୍ ଥାଏ ଯେପରିକି ଆଇରନ୍ ଅକ୍ସାଇଡ୍ ($FeO$ / $Fe_2O_3$), ମ୍ୟାଗ୍ନେସିୟମ୍ ଅକ୍ସାଇଡ୍ ($MgO$), ଆଲୁମିନିୟମ୍ ଅକ୍ସାଇଡ୍ ($Al_2O_3$) । ଏଗୁଡ଼ିକ ଲାଭାର କଠିନତା ଏବଂ ବିଭିନ୍ନ ରଙ୍ଗ ଦେବାରେ ସହାୟକ ହୋଇଥାଏ ।

(୩) କ୍ୟାଲସିୟମ୍ ଅକ୍ସାଇଡ୍ ($CaO$): ଏହା ଅନ୍ୟ ଏକ ସାଧାରଣ ଉପାଦାନ ଯାହା ଲାଭା ଥଣ୍ଡା ହେବାପରେ ଫେଲଡସ୍ପାର୍ ପରି ଖଣିଜ ପଦାର୍ଥ ସୃଷ୍ଟି କରିପାରିବ ।

(୪) ଗ୍ୟାସ୍ ଜାତୀୟ ପଦାର୍ଥ: ଉଦ୍ଗୀରଣ ପୂର୍ବରୁ ଏବଂ ସମୟରେ, ଲାଭାରେ ଦ୍ରବୀଭୂତ ଗ୍ୟାସ୍ ରହିଥାଏ ଯେପରିକି ଜଳୀୟ ବାଷ୍ପ ($H_2O$), କାର୍ବନ ଡାଇଅକ୍ସାଇଡ୍ ($CO_2$), ସଲଫର୍ ଡାଇଅକ୍ସାଇଡ୍ ($SO_2$) ଇତ୍ୟାଦି । ଏହି ଗ୍ୟାସଗୁଡ଼ିକ ବିସ୍ଫୋରଣର ବିସ୍ଫୋରକତାକୁ ପ୍ରଭାବିତ କରେ ।

(୫) ଟ୍ରେସ୍ ଉପାଦାନ: ଲାଭାରେ ଅଳ୍ପ ପରିମାଣର ଅନ୍ୟ ଉପାଦାନ ମଧ୍ୟ ଥାଏ ଯେପରିକି ଟାଇଟାନିୟମ୍, ପୋଟାସିୟମ୍, ଏବଂ ସୋଡିୟମ୍ ଇତ୍ୟାଦି । ଏଗୁଡିକ କଠିନ ପଥରରେ ବିଭିନ୍ନ ଖଣିଜ ଗଠନ ଉପରେ ପ୍ରଭାବ ପକାଇପାରେ । ଲାଭା ରଚନା ଏହାର ପ୍ରବାହ, ତାପମାତ୍ରା ଏବଂ ଆଗ୍ନେୟଗିରି ପଥରର ପ୍ରକାରକୁ ପ୍ରଭାବିତ କରେ ଯାହା ଥରେ ଥଣ୍ଡା ହୋଇଯିବା ପରେ ବିଭିନ୍ନ ପ୍ରକାର ଆଗ୍ନେୟଗିରି ଶିଳାରେ ପରିଣତ ହୁଏ ଯଥା; ବେସାଲ୍ଟ, ଆଣ୍ଡେସାଇଟ୍, ରାଇଓଲିଟ୍ ଇତ୍ୟାଦି ।

ଅଧିକ ତଥ୍ୟ ଆର ଥରକୁ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ହେ ଭଗବାନ**
ଗଢିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମର ଲୀଳା ଦୁନିଆଁ
**ଭଗବାନ**


ଶ୍ରୀ ଅଭିରାମ ସରସ୍ୱତୀ

ଆତ୍ମାକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆତ୍ମାକୁ କଷ୍ଟ ହେଲା ଯେଣୁ
ଆତ୍ମାରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବୁ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତ
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ୱ ସମର୍ପିସ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭକ୍ତୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହୃଦ୍ୱ ରଖି
ଦେଉଛି ଆହେ ନନ୍ଦବସି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

# ଦେବଶିଳ୍ପୀ ଶ୍ରୀ ଶ୍ରୀ ବିଶ୍ୱକର୍ମା



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ଆଦିମ କାଳରୁ ସନାତନ ଧର୍ମ ପ୍ରଚଳିତ, ସତ କହିବାକୁ ଗଲେ ପୃଥିବୀର ସର୍ବ ପୁରାତନ ଧର୍ମ ଏହି ସନାତନ ଧର୍ମ । ଅନ୍ୟ ଯେତେ ସବୁ ଧର୍ମ ରହିଲା ସେଗୁଡିକର ଉତ୍ପତ୍ତି ମୂଳତଃ ସନାତନ ଧର୍ମରୁ ବୋଲି ବିଶ୍ୱାସ କରାଯାଏ, ହିନ୍ଦୁମାନେ ପ୍ରତିମା ପୂଜାରେ ବିଶ୍ୱାସ କରନ୍ତି ଏବଂ ୩୩ କୋଟି ଦେବାଦେବୀ ଥିବାର ହିନ୍ଦୁ ଧର୍ମ ଗ୍ରନ୍ଥରେ ଲେଖା ଅଛି ବୋଲି ଶୁଣିବାକୁ ମିଳେ । ତେବେ ୩୩ କୋଟି ଦେବାଦେବୀଙ୍କ ମଧ୍ୟରୁ ସାଧାରଣତଃ ଶ୍ରୀ ଶ୍ରୀ ଗଣନାଥଙ୍କ ପୂଜା ଠାରୁ ସନାତନ ଧର୍ମାବଲମ୍ବୀ ମାନଙ୍କର ପାର୍ବଣ ଋତୁ ଆରମ୍ଭ ହୋଇ ବିଦ୍ୟା ଦାୟିନୀ ମା' ସରସ୍ୱତୀଙ୍କ ପୂଜା ପର୍ଯ୍ୟନ୍ତ ଅନେକ ପୂଜା, ପାର୍ବଣ ବେଶ ଜାକ୍‌ଜମକରେ ପାଳିତ ହୋଇ ଆସୁଛି, ତନ୍ମଧ୍ୟରୁ ରଥ ଯାତ୍ରା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, କାଳୀପୂଜା / ଦୀପାବଳୀ, କାର୍ତ୍ତିକେଶ୍ୱର ପୂଜା, ଶୀତଳ ଷଷ୍ଠୀ, ନୂଆଁ ଖାଇ ସହିତ ବାଲିଯାତ୍ରା ଇତ୍ୟାଦି ଅନେକ ଆଡମ୍ବରରେ ସାଜସଜ୍ଜା ସହିତ ପାଳନ କରା ଯାଏ । ଦେବଶିଳ୍ପୀ ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ପୂଜା ପଦ୍ଧତି ବିଷୟରେ କିଛି ଆଲୋଚନା କରିବା, ଭାଦ୍ରବ ମାସ, କନ୍ୟା ସଂକ୍ରାନ୍ତି ( ସେପ୍ଟେମ୍ବର ୧୬ / ୧୭ ତାରିଖ ) ଦିନ ବିଶ୍ୱକର୍ମାଙ୍କ ଚତୁର୍ଭୁଜ ମୂର୍ତ୍ତି ପୂଜା ପାଳନ କରାଯାଏ । ପୁରାଣର ପ୍ରସିଦ୍ଧ ଯନ୍ତ୍ରୀ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପ୍ରତି କୃତଜ୍ଞତା ଓ ଶ୍ରଦ୍ଧାଞ୍ଜଳିର ନିଦର୍ଶନ ସ୍ୱରୂପ ଏଇ ଉତ୍ସବକୁ ସବୁ ବର୍ଗର ଯାନ୍ତ୍ରିକ ବିଦ୍ୟା ସହିତ ଜଡିତ ହୋଇ ଜୀବିକା ନିର୍ବାହ କରୁଥିବା ବ୍ୟକ୍ତି ବିଶେଷ ତଥା ବଡ଼ ଠାରୁ ଆରମ୍ଭ କରି ଛୋଟ ଶିଳ୍ପାନୁଷ୍ଠାନ, କାରଖାନା, ଗାଡି ମଟର ମରାମତି କାରଖାନା, କୁଟୀର ଶିଳ୍ପ ତଥା ମଟର ଗାଡି ମଧ୍ୟ ପୂଜା କରା ଯିବାର ଦେଖିବାକୁ ମିଳେ, ଶ୍ରମିକ ମାନେ ଖୁବ ନିଷ୍ଠାର ସହିତ ଏହି ପୂଜା କରନ୍ତି । ପୁରାଣରୁ ଯାହା ଜଣା ଯାଏ ଶ୍ରୀ ଶ୍ରୀ ବିଶ୍ୱକର୍ମା ହେଉଛନ୍ତି ଜଣେ ଦେବ ଶିଳ୍ପୀ ତଥା ସମସ୍ତ ଶିଳ୍ପ ଏବଂ ଶିଳ୍ପୀମାନଙ୍କ କୁଳ ଦେବତା । ଆମେ ପୂଜା କରୁଥିବା ମୂର୍ତ୍ତି ମଧ୍ୟରେ ତାଙ୍କ ରୂପ ହେଲା- ଚତୁର୍ଭୁଜ ବିଶ୍ୱକର୍ମା, ତାଙ୍କ ବାମ ଉପର ହାତରେ ବଟାଳି ଏବଂ ବାମ ତଳ ହାତରେ ମାର୍ତ୍ତୁଲ, ଦକ୍ଷିଣ ଉପର ହାତରେ ଚକ୍ର ଏବଂ ତଳ ହାତରେ ଆଶୀର୍ବାଦ କରୁଥିବାର ଦୃଷ୍ଟିଗୋଚର ହେଉଥାନ୍ତି । ତାଙ୍କ ଭୂଷଣ ଗୁଡିକ ହେଲା – ଦିବ୍ୟ ବସ୍ତ୍ର ପରିହିତ ଗଳାରେ ରତ୍ନ ହାର, ଅନୁପମ ରତ୍ନ ଅଳଙ୍କାରରେ ବିଭୂଷିତ, କର୍ଣ୍ଣରେ କୁଣ୍ଡଳ । ତାଙ୍କର ମୁଖ ମଣ୍ଡଳ କାନ୍ତିମାନ , ତେଜସ୍ୱୀ ତଥା ଖୁବ ସୁନ୍ଦର ଅଟନ୍ତି । ଶୁଣାଯାଏ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଶ୍ରୀ ଶ୍ରୀ ବିଶ୍ୱକର୍ମା ସମଗ୍ର ବିଶ୍ୱକୁ ରୂପ ଦେଇ ରଚନା କରିଥିଲେ, ସ୍ୱର୍ଗରେ ମଧ୍ୟ ଅମରାବତୀ ସେ ନିର୍ମାଣ କରିଥିଲେ । ଅସୁର ମାନଙ୍କ ସହିତ ଯୁଦ୍ଧ ନିମନ୍ତେ ଆବଶ୍ୟକ ହେଉଥିବା ଅସ୍ତ୍ର ଶସ୍ତ୍ର, ବିମାନ ତଥା ଯୁଦ୍ଧ ଉପକରଣ ସବୁ ଗୁଡିକ ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ହୋଇ ଥିଲା । ହିନ୍ଦୁ ମାନେ ବିଶ୍ୱାସ କରନ୍ତି ଯେ, ସେ ହିଁ ହେଉଛନ୍ତି ସୃଷ୍ଟି କର୍ତ୍ତା ବ୍ରହ୍ମା , ପାଳନ କର୍ତ୍ତା ବିଷ୍ଣୁ ଏବଂ ସଂହାର କର୍ତ୍ତା ଶିବ, ସେ କେବଳ ରୂପ ବଦଳାଇ ଥା'ନ୍ତି ନିଜ କାର୍ଯ୍ୟ ଶୈଳୀକୁ ପାଥେୟ କରି, ଏହାହିଁ ହିନ୍ଦୁ ଧର୍ମର ବୈଚିତ୍ର୍ୟ ଏବଂ ଅଟଳ



ବିଶ୍ୱାସ ବୋଲି ଧରାଯାଏ । ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ଅବତାର ବିଷୟରେ ମଧ୍ୟ ପୁରାଣରେ ଅନେକ କଥା ଲିପିବଦ୍ଧ ହୋଇଛି ତାହାକୁ ଆଧାର କରି ଜଣା ଯାଏ ଯେ, ବିଶ୍ୱକର୍ମାଙ୍କ ପାଞ୍ଚ ଅବତାର- ସେ ପାଞ୍ଚ ଅବତାର ଗୁଡିକ ହେଲେ - ବିରାଟ ବିଶ୍ୱକର୍ମା, ଧର୍ମବଂଶୀ ବିଶ୍ୱକର୍ମା, ଅଗ୍ନିବଂଶୀ ବିଶ୍ୱକର୍ମା, ସୁଧନ୍ୱା ବିଶ୍ୱକର୍ମା ଏବଂ ଭୃଗୁବଂଶୀ ବିଶ୍ୱକର୍ମା । ସ୍କନ୍ଦ ପୁରାଣକୁ ଯଦି ପାଥେୟ କରି ଦେଖିବା ତେବେ ଶାସ୍ତ୍ର ଅନୁସାରେ ବ୍ରହ୍ମା ସ୍ୱରୂପ ଭଗବାନ ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କର ପଞ୍ଚ ମୁଖ ତଥା ତାଙ୍କର ପଞ୍ଚ ପୁତ୍ରଙ୍କ ନାମ ହେଲା - ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଏବଂ ଦେବଜ୍ଞ ଏମାନେ ଜଣେ ଜଣେ ସମାଜର ହିତକାରୀ ଦିବ୍ୟ ମହର୍ଷି ଅଟନ୍ତି । ଏହି ପଞ୍ଚ ମୁଖର ନାମ କରଣ ଅନୁସାରେ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚ ପୁତ୍ର ସଂସାରର ହିତ ପାଇଁ ତଥା ଯାନ୍ତ୍ରିକ ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ତିଆରି କରିବାର ଶ୍ରେୟ ନେଇଛନ୍ତି । ଶ୍ରୀ ଜଗନ୍ନାଥଙ୍କ ଇତିହାସ ଜାଣିବାକୁ ହେଲେ - କିମ୍ବଦନ୍ତୀ ଅନୁଯାୟୀ ଜଗନ୍ନାଥଙ୍କ ଦାରୁ ମୂର୍ତ୍ତି ବିଶ୍ୱକର୍ମା ନିର୍ମାଣ କରିଥିଲେ । ଇନ୍ଦ୍ରଦ୍ୟୁମ୍ନ ରାଜା ବାଙ୍କି ମୁହାଣରୁ ସଂଗ୍ରହ କରିଥିବା ଦାରୁରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରିବାକୁ ନାନା ଦେଶରୁ ଦକ୍ଷ ଶିଳ୍ପୀ ମାନଙ୍କୁ ଅଣାଇ କାମରେ ଲଗାଇ ଥିଲେ କିନ୍ତୁ ସେମାନଙ୍କ ନିହାଣ ମୁନରେ ସେ ଦାରୁ ଖୋଳା ଯାଇ ପାରିଲା ନାହିଁ, ବରଂ ସେଗୁଡ଼ିକର ଧାର ନଷ୍ଟ ହୋଇ ଗଲା । ମୂର୍ତ୍ତି ଗଢ଼ିବାରେ ବିଫଳ ହୋଇ ସମସ୍ତେ ଫେରିବାରେ ଲାଗିଲେ ତଥା ଦିନକୁ ଦିନ ରାଜା ରାଣୀଙ୍କ ମନରେ ଭାଳେଣି ପଡ଼ିଲା । କିଛିଦିନ ଗତ ହେବା ପରେ ଦିନେ ଜଣେ ବୁଢ଼ା ବଢ଼େଇ ଆସି ମୂର୍ତ୍ତି ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣ ଦାୟିତ୍ୱ ରାଜାଙ୍କ ଦ୍ୱାରା ନ୍ୟସ୍ତ କରାଗଲା । ବୁଢ଼ା ବଢ଼େଇଙ୍କ ସର୍ତ୍ତ ଥିଲା ଯେ , ୨୧ ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ, ସେ ଉପବାସ ରହି ମୂର୍ତ୍ତି ନିର୍ମାଣ କରିବେ । ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ କଲେ । ପ୍ରତ୍ୟେକ ଦିନ ରାଜା ଭିତରର କାର୍ଯ୍ୟ ହେଉ ଥିବା ଠକ୍ ଠକ୍ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାନ୍ତି । କିଛିଦିନ ପରେ ଭିତରୁ ଶବ୍ଦ ଆସିବା ବନ୍ଦ ହୋଇଯିବା ପରେ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହି ପାରିଲେ ନାହିଁ । ବୁଢ଼ା ବଢ଼େଇ ଉପବାସରେ ମୃତ୍ୟୁବରଣ କରିଛନ୍ତି ବୋଲି ସେ ଭାବିଲେ ଏବଂ ରାଜାଙ୍କୁ ଦ୍ୱାର ଖୋଲିବାକୁ ଅନୁରୋଧ କଲେ । ଦ୍ୱାର ଉନ୍ମୁକ୍ତ କଲାପରେ ଦେଖାଗଲା ଯେ ବୁଢ଼ା ବଢ଼େଇ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି, ଅଛି କେବଳ ଦରଗଢ଼ା ମୂର୍ତ୍ତି । ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲା ଯେ- "ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଚ୍ଛା ମୁଁ ସେହି ରୂପରେ ହିଁ ଆବିର୍ଭାବ ହୋଇଛି, ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ ।'' ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ ଦେବ ଶିଳ୍ପୀ ବିଶ୍ୱକର୍ମ । ସୃଷ୍ଟିରେ ସେହି ଲୀଳାମୟଙ୍କ ବିଚିତ୍ର ନିୟମ ଏବଂ ଆମେ ନିମିତ୍ତ ମାତ୍ର । ହିନ୍ଦୁ ଧର୍ମର ବିଭିନ୍ନ ପୂଜା ଦ୍ୱାରା ସ୍ନେହ, ସହାନୁଭୂତି ଏବଂ ଭାତୃ ଭାବ ବଢିଥାଏ, କର୍ମମୟ ଜଂଜାଳ ଭିତରେ ମନୁଷ୍ୟକୁ ଭକ୍ତି ଭାବନା ମାର୍ଗ ଦିଗକୁ ଆକର୍ଷିତ କରିଥାଏ । ନିଷ୍ଠାର ସହିତ ପୂଜାର୍ଚ୍ଚନା କରିବା, ନିଜର ପରମ୍ପରାକୁ ଉଦଜୀବିତ କରିବା ସହିତ ନୂତନ ପିଢ଼ିକୁ ସତ୍ ମାର୍ଗରେ ପରିଚାଳିତ କରିବା ପରି ଅନେକ କିଛି ସୁନ୍ଦର, ଯୁଗୋପଯୋଗୀ ସମାଜର କଲ୍ୟାଣ ନିମିତ୍ତ ଭଗବାନଙ୍କ ନିକଟରେ ପ୍ରାର୍ଥନା ମଧ୍ୟ କରାଯାଇ ଥାଏ । ହିନ୍ଦୁ ମାନେ ନିଜର ଇପ୍ସିତ ଭକ୍ତି ଭାବନାକୁ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ମାଧ୍ୟମରେ ସେହି ପରମାତ୍ମାଙ୍କ ପାଖକୁ ପ୍ରେରିତ କରିଥା'ନ୍ତି, ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ନିର୍ମାଣ ପରେ ନିଷ୍ଠାର ସହିତ ମୂର୍ତ୍ତିରେ ଦେବାଦେବୀଙ୍କୁ ଆବାହନ କରି ପ୍ରାଣ ପ୍ରତିଷ୍ଠା କରାଯାଏ ତତ୍ପରେ ବିଧି ବିଧାନ ସହିତ ପୂଜାର୍ଚ୍ଚନା ସମ୍ପନ୍ନ ହୁଏ , ନିର୍ଦ୍ଧାରିତ ସମୟରେ ବିସର୍ଜନ କରା ହୁଏ ତତ୍ପରେ ଦେବା ଦେବୀଙ୍କ ମୂର୍ତ୍ତିକୁ ନଦୀ ଜଳରେ ପ୍ଲାବିତ କାର୍ଯ୍ୟ ଖୁବ ନିଷ୍ଠାର ସହିତ ଅନୁଷ୍ଠିତ ହୋଇଥାଏ । ଭକ୍ତର ଧାର୍ମିକ ଭାବନା, ଅନ୍ତର୍ନିହିତ ଭାବାବେଗ ତଥା ବିସର୍ଜନ ହୋଇଥିବା ପ୍ରତିମାଙ୍କୁ ସସମ୍ମାନେ ଶୋଭା ଯାତ୍ରାରେ ଜଳାଶୟ ପର୍ଯ୍ୟନ୍ତ ନିଆ ହୋଇଥାଏ, ଅତୀତ ଏବଂ ବର୍ତ୍ତମାନର ପୂଜାପଦ୍ଧତିକୁ ଯଦି ତର୍ଜମା କରିବା ତେବେ ଆକାଶ ପାତାଳର ପାର୍ଥକ୍ୟ ଦେଖିବା । ଏବେ ଭକ୍ତି ଶୂନ୍ୟ ଏବଂ ଶକ୍ତି ତଥା ମନୋରଞ୍ଜନ ପୂର୍ଣ୍ଣ ଭସାଣିକୁ ଯୁବ ପିଢ଼ି ଆଦରି ନେଇଛନ୍ତି । ବିଭିନ୍ନ ପ୍ରକାରର ନିଶା ଦ୍ରବ୍ୟ ସେବନ ଆମିଷ ଭକ୍ଷଣ, ଅଶ୍ଳୀଳ ସଙ୍ଗୀତ, ଅର୍ଦ୍ଧ ଉଲଗ୍ନ ନର୍ତ୍ତକୀ ମାନଙ୍କ ନାଚ ଗୀତରେ ବର୍ତ୍ତମାନ୍ ଅଧିକାଂଶ ଯୁବ ପୀଢ଼ି ମସଗୁଲ ହୋଇ ଯାଆନ୍ତି ଯାହାକି ଆମ ସନାତନ ଧର୍ମକୁ ଅନ୍ୟ ମାନଙ୍କ ନିକଟରେ ନ୍ୟୁନ କରି ଦେଉଛନ୍ତି । ଭକ୍ତି ଆମକୁ ନତ ମସ୍ତକ କରାଏ, ଶକ୍ତି ଆମକୁ ଅହଙ୍କାରୀ କରିଥାଏ । ନିଜର ନିଜତ୍ୱ ବଜାୟ ରଖି ସନାତନ ଧର୍ମକୁ ବିଶ୍ୱ ଦରବାରରେ ଉଚ୍ଚାସନ ଦେବକୁ ଅନୁରୋଧ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





## ପୁଅର କାଠ ଫାଳିଆ ମାଡ଼ରେ ମା' ମୃତ, ଭଉଣୀ ଗୁରୁତର

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ଥାନା ଅନ୍ତର୍ଗତ ଲହଣ୍ଡା ମୁଣ୍ଡା ସାହିରେ ଏକ ଅଭାବନୀୟ ଘଟଣା ଘଟି ଯାଇଛି। ଜଣେ ଯୁବକ ନିଜ ମାଆ ଓ ଭଉଣୀଙ୍କୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଛି। ଆକ୍ରମଣରେ ମା' ଗୁରୁବାରୀ ମୁଣ୍ଡାଙ୍କ ମୃତ୍ୟୁ ହୋଇଥିବା ବେଳେ, ଝିଅ ପାନମତୀ ମୁଣ୍ଡାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ରହିଛି। ସ୍ଥାନୀୟ ଲୋକେ ପାନମତୀଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବା ସହିତ ଅମାନୁଷିକ ଘଟଣା ଘଟାଇଥିବା ଅଭିଯୁକ୍ତ ପୁଅ ସିମଲ୍ ମୁଣ୍ଡାକୁ କାବୁ କରି ପୋଲିସଙ୍କୁ ଜିମା ଦେଇଛନ୍ତି ସ୍ଥାନୀୟ ଗ୍ରାମବାସୀ। ଶନିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଏହି ଦୁଃଖଦ ଘଟଣା ଘଟି ଯାଇଛି। ତେବେ ପୁଅ ସିମଲ୍ ମୁଣ୍ଡା ଏଭଳି କାଣ୍ଡ କାହିଁକି ଘଟାଇଲା ସେନେଇ କିଛି ସ୍ପଷ୍ଟ ହୋଇପାରି ନଥିବା ବେଳେ ପାରିବାରିକ କଳହରୁ ଏଭଳି ଘଟିଥିବା ସନ୍ଦେହ କରାଯାଉଛି। ଯୋଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି । ଅନ୍ୟ ପଟେ ଭଉଣୀ ପାନମତୀର ସ୍ଥିତି ଗମ୍ଭୀର ଥିବା ଜଣାପଡିଛି।

## କ୍ରାଇମ୍ ବ୍ରାଞ୍ଚ ପଞ୍ଝାରେ ରସିକିଆ ପ୍ରେମିକ ପ୍ରବର

## ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଲୁଟୁଥିଲା ଟଙ୍କା ଓ ସୁନା ଅଳଙ୍କାର

**କଟକ, ନ୍ୟୁଜ୍ ବ୍ୟୁରୋ**

ମାଟ୍ରି ମୋନିଆଲ ନାଁରେ ଖୋଲିଥିଲା ୱେବ୍‌ସାଇଟ୍ । ମଧ୍ୟମ ବୟସ୍କା ମହିଳା ମାନଙ୍କୁ କରୁଥିଲା ଟାର୍ଗେଟ୍ । ନିଜକୁ ଜଣେ ଉଚ୍ଚପଦସ୍ଥ କର୍ମଚାରୀ କହି ମହିଳା ମାନଙ୍କୁ ନିଜ ଫାଶରେ ପକାଉଥିଲା । ବିଶେଷ କରି ସ୍ୱାମୀ ପରିତ୍ୟକ୍ତା, ବିଧବା ଓ ଅସହାୟ ମହିଳା ମାନଙ୍କୁ ନିଜର ବଳିଷ୍ଠ ଚେହେରାରେ ଆକୃଷ୍ଟ କରିବା ସହ ଉଚ୍ଚପଦସ୍ଥ ଅଧିକାରୀ କହି ସେମାନଙ୍କ ସହ ସମ୍ପର୍କ ଯୋଡି ଘରକୁ ଯିବା ଆସିବା କରି ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ମଧ୍ୟ ରଖୁଥିଲା । ସୁବିଧା ସୁଯୋଗ ଦେଖି ସେମାନଙ୍କ ଉଲଗ୍ନ ଶରୀରର ଭିଡିଓ ଉତ୍ତୋଳନ କରି ମୋବାଇଲ୍‌ରେ କଏଦ୍ କରୁଥିଲା। ତାପରେ ଆରମ୍ଭ ହେଉଥିଲା ବ୍ଲାକ୍‌ମେଲିଂ। କାହାଠୁ



ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଥିଲା ତ କାହାଠୁ ସୁନା । ଏଭଳି ଜଣେ ପେଶାଦାର ରସିକିଆ ପ୍ରେମିକ ପ୍ରବର ଏବେ ଧରାପଡ଼ିଛି କ୍ରାଇମ୍ ବ୍ରାଞ୍ଚ ପଞ୍ଝାରେ । ଅଭିଯୁକ୍ତ ହେଲା ଛେଣ୍ଡିପଦା ଅଞ୍ଚଳର ବିରଞ୍ଚି ନାରାୟଣ ରଥ । ମହିଳା ମାନଙ୍କୁ ଫସେଇବା ପାଇଁ ସୋସିଆଲ୍ ମିଡ଼ିଆରେ ଖୋଲିଥିଲା ଫେକ୍ ଆକାଉଣ୍ଟ । ନିଜକୁ ସରକାରୀ ଅଧିକାରୀର ପରିଚୟ ଦେଇ କରୁଥିଲା ଠକେଇ । ଭିଡିଓ କଲ୍‌ରେ ଅଶ୍ଳୀଳ କଥା ହୋଇ ସ୍କ୍ରିନ୍‌ସଟ୍ ରଖି କରୁଥିଲା ବ୍ଲାକ୍ ମେଲ୍ । ମାଟ୍ରି ମୋନିଆଲ୍ ସାଇଡ୍‌ରେ ସେକେଣ୍ଡ ମ୍ୟାରେଜ୍ ନାଁରେ ଖୋଲିଥିଲା ଆକାଉଣ୍ଟ । କେତେବେଳେ ନିଜକୁ ରେଲୱେ କର୍ମଚାରୀ, ଇନ୍‌କମ୍ ଟ୍ୟାକ୍ସ ଇନ୍‌ସପେକ୍ଟର, କଷ୍ଟମ୍ସ ଅଫିସର ଓ ସେଣ୍ଟ୍ରାଲ୍ ଏକ୍ସାଇଜ୍ ଅଧିକାରୀ କହୁଥିଲା । ମଧ୍ୟ ବୟସ୍କା ମହିଳା ମାନଙ୍କୁ ଟାର୍ଗେଟ୍ କରୁଥିଲା ବିରଞ୍ଚି । ୨୦୨୨ରେ ଏନେଇ କଟକର ଜଣେ ମହିଳା । କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଜଣକ ନିଜ ନାଆଁ ପ୍ରଭାକର ଶ୍ରୀ ବାସ୍ତବ ରେଳବାଇର ଟିଟିଆଇ କହି ବିବାହ ନାଁରେ ଠକିଥିଲା । ମହିଳାଙ୍କ ଠାରୁ ୫ ଲକ୍ଷ ଟଙ୍କା ଓ ୩୨ଗ୍ରାମ ସୁନା ନେଇଥିଲା ଠକ ।

## ଜାଲ୍ ଦସ୍ତଖତରେ ଏନ୍.ଏଚ୍‌ର ଜମି କ୍ଷତିପୂରଣ ରାଶି ହଡ଼ପ୍

**ଅନୁଗୋଳ, ନ୍ୟୁଜ୍ ବ୍ୟୁରୋ**

ଅନୁଗୋଳ ଜିଲ୍ଲା କିଶୋରନଗର ତହସିଲ ନାକିଚିରେ ଜାଲ୍ ଦସ୍ତଖତ ମରାଯାଇ ଉତ୍ତରାଧିକାରୀ ପ୍ରମାଣପତ୍ର ହାତେଇବା ସହ ଏନ୍.ଏଚ୍‌ର ଜମି କ୍ଷତିପୂରଣ ଟଙ୍କା ଉଠାଇନେବା ସହ ବଳକା ଜମି ବିକ୍ରି କରିବା ପାଇଁ ଉଦ୍ୟମ କରାଯାଉଥିବା ଜଣାପଡ଼ିଛି । ଏହି ଘଟଣା ୨୦୨୪ ଜାନୁଆରୀରେ ଜଣାପଡ଼ିବା ପରେ ଠେଲକନାଳୀ ଗ୍ରାମବାସୀ ସେହି ମାସ ୧୩ ତାରିଖ ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ । ହେଲେ ଉକ୍ତ ଘଟଣାକୁ ସାମାନ୍ୟ ତଦନ୍ତ କରାଯାଇ ବିଭିନ୍ନ ଉପରେ ଚପାଇ ଦିଆଯାଇଥିବା ଅଭିଯୋଗ ହୋଇଛି । ଏହାର ଭିଜିଲାନ୍ସ ତଦନ୍ତ ସହ ସ୍ୱତନ୍ତ୍ର କମିଟି ଗଠନ କରି ତଦନ୍ତ କରିବା ପାଇଁ ଠେଲକନାଳି ଅଞ୍ଚଳବାସୀ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାର ଏକ ନକଲ ରାଜସ୍ୱମନ୍ତ୍ରୀ, ରାଜସ୍ୱ ସଚିବଙ୍କୁ ପ୍ରଦାନ କରିଛନ୍ତି । ଏଥିସହ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ଜାଲ୍ ଦସ୍ତଖତ ବ୍ୟବହାର କରାଯାଇଥିବା ଠେଲକନାଳୀ ଗ୍ରାମର ସମୀର କୁମାର ପ୍ରଧାନ ମଧ୍ୟ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଠେଲକନାଳୀ ମୌଜା ଖାତା ନମ୍ବର ୮୮୩.୬୮ ଏକର ଜମି ସେହି ଗ୍ରାମର ଚିନ୍ତା ପାତ୍ରଙ୍କ ପୁଅ ରାମ ପାତ୍ରଙ୍କ ନାମରେ ରହିଛି । ହେଲେ ବହୁ ବର୍ଷ ପୂର୍ବେ ରାମ ପାତ୍ରଙ୍କ ମୃତ୍ୟୁ ହୋଇଛି । ତାଙ୍କ ଜମିର କିଛି ଅଂଶ ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଅଧିଗୃହୀତ ହୋଇଛି । ଉକ୍ତ ଜମିର କ୍ଷତିପୂରଣ ପାଇବା ପାଇଁ ରାମ ପାତ୍ରଙ୍କର କୌଣସି ଉତ୍ତରାଧିକାରୀ ନଥିବା ବେଳେ ଉକ୍ତ ଟଙ୍କାକୁ ନକଲି ସମ୍ପର୍କୀୟ କରାଯାଇ ହଡ଼ପ କରାଯାଇଛି । ଏନ୍‌ଏଚ୍ ପକ୍ଷରୁ ଉକ୍ତ ଟଙ୍କାକୁ କ୍ଷତିଗ୍ରସ୍ତ ପରିବାରକୁ ପଇଠ କରିବା ପାଇଁ ନୋଟିସ୍ ଦିଆଯାଇଥିବା ବେଳେ ତାଙ୍କର କୌଣସି ପରିବାର ଲୋକ ନଥିବାରୁ ଟଙ୍କା ଅନୁଗୋଳ ଏନ୍.ଏଚ୍ କାର୍ଯାଳୟରେ ପଡ଼ିରହିଥିଲା । ପରେ ଏହି ଅଞ୍ଚଳର କିଛି ଜମି ମାଫିଆ ନାକିଚି ରାଜସ୍ୱ ବିଭାଗରେ ଥିବା ତତ୍କାଳୀନ ରାଜସ୍ୱ ଅଧିକାରୀଙ୍କ ସହ କେତେକ କର୍ମଚାରୀଙ୍କୁ ହାତ କରି ଜଣେ ଯୁବତୀଙ୍କୁ ତାଙ୍କ ସମ୍ପର୍କୀୟ ଭାବରେ ପ୍ରସ୍ତୁତ କରି ତାଙ୍କ ନାମରେ ଉତ୍ତରାଧିକାରୀ ପ୍ରମାଣପତ୍ର ବାହାର କରି ଏନ୍‌ଏଚ୍ କାର୍ଯ୍ୟାଳୟରେ ପଡ଼ିରହିଥିବା କ୍ଷତିପୂରଣ ବାବଦ ୨୦ ଲକ୍ଷ ଟଙ୍କା ଉଠାଣ କରିଛନ୍ତି । ସେହିପରି ବଳକା ଜମିକୁ କୋଟି କୋଟି ଟଙ୍କାରେ ବିକ୍ରି କରିବା ପାଇଁ ଯୋଜନା ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଘଟଣା ଜଣାପଡ଼ିବା ପରେ ଗ୍ରାମବାସୀ ବିରୋଧ କରିବା ସହ ଉକ୍ତ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇବା ପାଇଁ ସେହି ଗ୍ରାମର ସମୀର କୁମାର ପ୍ରଧାନଙ୍କ ଜାଲ୍ ଦସ୍ତଖତ ମରାଯାଇଥିବା ଅଭିଯୋଗ ହୋଇଛି । ବିଶେଷ କରି ଜମି ମାଫିଆମାନେ ଉକ୍ତ ଜମିକୁ ହଡ଼ପ କରିବା ପାଇଁ ନାକିଚି ରାଜସ୍ୱ କାର୍ଯାଳୟ କିଛି କର୍ମଚାରୀ ଓ କିଶୋରନଗର ତହସିଲ କାର୍ଯ୍ୟାଳୟର କିଛି ଅଧିକାରୀଙ୍କୁ ମୋଟା ଅଙ୍କର ଅର୍ଥ ଦେଇଥିବା ଅଭିଯୋଗ ହୋଇଛି । ଏ ନେଇ ସେମାନେ ପୂର୍ବରୁ କିଶୋରନଗର ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଜାଲ୍ ଦସ୍ତଖତ ମାରି ପ୍ରମାଣପତ୍ର ବାହାର କରିବା ସହ ଟଙ୍କା ହଡ଼ପ୍ କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ତଦନ୍ତ କରାଯାଉନଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଏହି ଜମି ହଡ଼ପ ନେଇ ଏକ ଟିମ୍ କାମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ଘଟଣାର ତଦନ୍ତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ କୁହନ୍ତି, ଏହି ଘଟଣା ମୋ ପୂର୍ବରୁ ଘଟିଛି । ଏ ସମ୍ପର୍କରେ ପୂର୍ବରୁ ମଧ୍ୟ ତଦନ୍ତକାରୀ ସଂସ୍ଥା ମତେ ରିପୋର୍ଟ ମାଗିଥିବା ବେଳେ ମୁଁ ରିପୋର୍ଟ ପ୍ରଦାନ କରିଛି ।

## 'ସୁଭଦ୍ରା' ଯୋଜନାର ସଫଳ ରୂପାୟନ ପାଇଁ ସମ୍ବଲପୁରରେ ଆରମ୍ଭ ହେଲା ପଦଯାତ୍ରା



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ପ୍ରତ୍ୟେକ ମହିଳା ହେବେ ସ୍ୱାବଲମ୍ବୀ ଏବଂ ସଶକ୍ତ, ଏହି ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନା ବର୍ତ୍ତମାନ ଘରେ ଘରେ ଆଦୃତ ଓ ଲୋକପ୍ରିୟ ହୋଇପାରିଛି । ସମ୍ବଲପୁର ଠାରେ ମଧ୍ୟ ଏହି ଯୋଜନାର ସଫଳ ରୂପାୟନ ଦେଖିବାକୁ ମିଳୁଛି । ଏହି ପରିପ୍ରେକ୍ଷୀରେ, ଜିଲ୍ଲା ପ୍ରଶାସନ ଅନୁକୂଲ୍ୟରେ ରବିବାର ଦିନ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା । ସକାଳ ୮ଟାରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଇ.ଏ.ଏସ୍. ପତାକା ଦେଖାଇ ସମ୍ବଲପୁର ପୁରୁଣା ପୌରପାଳିକା କାର୍ଯ୍ୟାଳୟରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରାରେ ୫୦୦ରୁ ଊର୍ଦ୍ଧ୍ୱ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ଯୋଗଦେବା ସହ ପ୍ରଚାରରେ ନିଜକୁ ସାମିଲ୍ କରିଥିଲେ । ପଦଯାତ୍ରା ଶେଷ ହେବାପରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଗୋଷ୍ଠୀ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସୁଭଦ୍ରା ଯୋଜନା ସମ୍ପର୍କରେ ମହିଳାମାନେ ପରସ୍ପରର ପ୍ରଶ୍ନର ଉତ୍ତର ଦେଉଥିବାରୁ ଗୋଷ୍ଠୀ ଆଲୋଚନା ଫଳପ୍ରଦ ହୋଇଥିଲା । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ କହିଥିଲେ ଯେ ଆସନ୍ତା ମଙ୍ଗଳବାର ଠାରୁ ଏହି ଯୋଜନା ଆରମ୍ଭ ହେବ । ଯୋଗ୍ୟ ହିତାଧିକାରୀ ମହିଳାଙ୍କୁ ବର୍ଷକୁ ରକ୍ଷା ବନ୍ଧନ ଓ ଅନ୍ତର୍ଜାତୀୟ ମହିଳା ଦିବସରେ ୫ ହଜାର ଲେଖାଏଁ ୧୦ ହଜାର ୫ ବର୍ଷ ଦିଆଯିବ । ଏହି ଯୋଜନାକୁ ବ୍ଲକ, ପଞ୍ଚାୟତ, ଗାଁ ସ୍ତରରେ ବ୍ୟାପକ ସଚେତନତା ରଥ ଏବଂ ବିଭିନ୍ନ ସୂଚନା, ଶିକ୍ଷା ଯୋଗାଯୋଗ ମାଧ୍ୟମରେ ସୃଷ୍ଟି କରାଯାଉଛି ବୋଲି କହିଥିଲେ ।

## କଣ୍ଟାବାଞ୍ଜି ପ୍ରେସ୍ କ୍ଲବର ଜନମଙ୍ଗଳ କାର୍ଯ୍ୟ:୨୦ରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୦ ତାରିଖ ଶୁକ୍ରବାର ଦିନ ସ୍ଥାନୀୟ ହରିଭବନ ଠାରେ ପ୍ରେସ୍ କ୍ଲବ ପକ୍ଷରୁ ଟିଟିଲାଗଡ ଏସସିଡି ଚକ୍ଷୁ ଡାକ୍ତରଖାନା ସହଯୋଗରେ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପ୍ରେସ୍ କ୍ଲବ ଅଫିସରେ ଅନୁଷ୍ଠିତ ହୋଇଥିଲା । ପ୍ରେସ୍ କ୍ଲବ ସଭାପତି ପ୍ରଭଜିତ ସିଂ ସାଲୁଜାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ବୈଠକରେ ଚକ୍ଷୁ ଚିକିତ୍ସା ଶିବିରରେ କେମିତି ଅଧିକରୁ ଅଧିକ ଲୋକ ଯୋଗଦେବେ ଏବଂ ଏହାର ଲାଭ ଉଠାଇପାରିବେ ସେନେଇ ଆଲୋଚନା ହୋଇଥିଲା । ପ୍ରତ୍ୟେକ ବର୍ଷପରି ଏ ବର୍ଷ ମଧ୍ୟ ପ୍ରେସ୍ କ୍ଲବ ଅନେକ ଜନମଙ୍ଗଳ କାମ ନିଜକୁ ହାତକୁ ନେଇଥିବାବେଳେ ଚକ୍ଷୁ ଚିକିତ୍ସା ଶିବିରରେ କଣ୍ଟାବାଞ୍ଜି ସହ ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡା, ଖପ୍ରାଖୋଲ ବ୍ଲକ ସହ ଆଖପାଖ ଅଞ୍ଚଳର ଲୋକ ବିଶେଷ କରି ଯେଉଁମାନେ ଚକ୍ଷୁ ଚିକିତ୍ସା ହେବାର କଥା, ଆର୍ଥିକ ଅଭାବ କିମ୍ବା ଅନ୍ୟ କୌଣସି ଅସୁବିଧା ପାଇଁ ଚିକିତ୍ସା ହେଇପାରୁନାହାନ୍ତି ସେମାନେ ନିଶ୍ଚିତ ଭାବେ ଏହି ଶିବିରରେ ସାମିଲ ହୋଇ ନିଜର ଚକ୍ଷୁ ଚିକିତ୍ସାର ଲାଭ ଉଠାଇପାରିବେ ବୋଲି ସମ୍ପାଦକ ସୁରଦାସ ବାଗ କହିଥିଲେ । ଏସସିଡି ଚକ୍ଷୁ ଡାକ୍ତରଖାନାର ଡାକ୍ତର ଏବଂ ଟେକ୍ନିସିଆନ୍ ଆସି ଲୋକଙ୍କୁ ଚକ୍ଷୁ ପରୀକ୍ଷା କରିବା ସହ ଦରକାର ଅନୁସାରେ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ତାଙ୍କ ଡାକ୍ତରଖାନାରେ କରିବେ । ଡାକ୍ତରଖାନାକୁ ଯିବା ଆସିବା ଏବଂ ରହିବା ସହ ଖାଇବାର ବ୍ୟବସ୍ଥା ପାଇଁ କୌଣସି ରୋଗୀଙ୍କୁ ଟଙ୍କା ଦେବାକୁ ପଡିବନାହିଁ, ଦରକାର ଅନୁସାରେ ରୋଗୀଙ୍କୁ ଚଷମା ମଧ୍ୟ ଦିଆଯିବ ବୋଲି ଶିବିର ସଂଯୋଜକ ତଥା ପ୍ରେସ୍ କ୍ଲବର ପରାମର୍ଶଦାତା ଆଶିଷ ଖୈତାନ ସୂଚନା ଦେଇଛନ୍ତି ।

## ଶ୍ରୀଦୁର୍ଗା ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର

## ଓଡ଼ିଆ ଭାଷା ସାହିତ୍ୟର ବିକାଶରେ କବି ଓ ଲେଖକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




**କଟକ, ନ୍ୟୁଜ୍ ବ୍ୟୁରୋ**

ସାରସ୍ୱତ ଅନୁଷ୍ଠାନ ଶ୍ରୀଦୁର୍ଗା ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର ଓ ଆଲୋଚନା ଚକ୍ର ଖପୁରିଆ ସ୍ଥିତ ସିଦ୍ଧିଦୁର୍ଗା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଡ.ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରକୁ ଆଦର୍ଶ ପ୍ରତିଭା ବିକାଶ ପରିଷଦର ସଭାପତି ଡ.ପଣ୍ଡିତ ଅଭୟ କୁମାର ଦାଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଦାର୍ଶନିକ ପଣ୍ଡିତ ନୀଳକଣ୍ଠ ରାଉତ, ମୁଖ୍ୟବକ୍ତା ଭାବେ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା, ସମ୍ମାନୀୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଅଗ୍ରଗତିରେ କବି ଓ ଲେଖକ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । କବୟତ୍ରୀ ଗୀତାଞ୍ଜଳି ପୃଷ୍ଟି ଓ ସନ୍ଧ୍ୟା ଶତପଥିଙ୍କ ସଂଯୋଜନାରେ କବି କ୍ଷୀରୋଦ କୁମାର ଜେନା, ସୁକାନ୍ତି ମହାନ୍ତି, ଡ. ବସନ୍ତ କୁମାରୀ ନନ୍ଦ, ଭଗବତୀ ଖଟୁଆ, ନଳିନୀପ୍ରଭା ଦାଶ, ପ୍ରଭାତୀରାଣୀ ମହାନ୍ତି, କୋକିଳାଶ୍ରରା ପାତ୍ର, ଜୟନ୍ତି ବାରିକ, ଅନ୍ନପୂର୍ଣ୍ଣା ସାହୁ, ରଘୁନାଥ ତ୍ରିପାଠୀ, ଚୈତନ୍ୟ ରାଉତ, ଡ. ନିରଂଜନ ଖଟୁଆ, ସଚ୍ଚିଦାନନ୍ଦ କର, ଉତ୍ତମଚରଣ ପ୍ରଧାନ, ବାବାଜୀ ଚରଣ ଜେନା, ରାଜକିଶୋର ସ୍ୱାଇଁ, ଡା. ରବିନ୍ଦ୍ରନାଥ ପଣ୍ଡା, ତପନବିହାରୀ ରାଉତରାୟ, ସରୋଜକାନ୍ତ ରଥ, ଦେବେନ୍ଦ୍ର ନାଥ ସାହୁ, ସବ୍ୟସାଚି ମିଶ୍ର, ନିରୁପମା ସାହୁ, ଛବିରାମ ସେଠୀ, ମହେନ୍ଦ୍ରପ୍ରସାଦ ମହାପାତ୍ର, ତିଳୋତମା ଦେବୀ, ସ୍ନେହଲତା ଦ୍ୱିବେଦୀ, କୁନଲତା ତ୍ରିପାଠୀ, ବ୍ରହ୍ମାନନ୍ଦ ମହାନ୍ତି, ମାନସ ରଂଜନ ଦାସ, ରତନ କୁମାର ମହାନ୍ତି, ପ୍ରମୋଦ କୁମାର ସାହୁ, ଅରୁଣ କୁମାର ଅଗରବାଲ, ନମିତା ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପ୍ରାରମ୍ଭରେ କବି ଅଶ୍ୱିନୀ କୁମାର ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କବି ରାଜୀବ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ । କବି ମନୋରଞ୍ଜନ ପଣ୍ଡା କବିତା ଗୁଡିକ ସମିକ୍ଷା କରିଥିଲେ । କବି ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



## ମୃତକଙ୍କ ପରିବାରକୁ ବୈଜୟନ୍ତଙ୍କ ସହାୟତା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ୩୫ ନଂ ଜୋନ୍ ଡିହାପଡା ପଞ୍ଚାୟତର ପନ୍ତୁରି ଗାଁର ତାପସ ଦାସଙ୍କ ପୁତ୍ର ସୁଶାନ୍ତ ଦାସ (୧୯) ସାପ କାମୁଡାରେ ମୃତ୍ୟୁବରଣ କରିଥିବା ବେଳେ ନରସିଂହପୁର ପଞ୍ଚାୟତର ସୁବଳ ପାଢୀଙ୍କର ପୁତ୍ର ଜିତେନ୍ଦ୍ର ପାଢୀ (୨୩) ନଦୀରେ ବୁଡି ମୃତ୍ୟୁବରଣ କରିଥିବାର ଖବରପାଇ ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନିର୍ଦ୍ଦେଶରେ ବିଜେପି ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଛାୟତଙ୍କ ନେତୃତ୍ୱରେ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ମନମୋହନ ପାତ୍ର, ସାଧାରଣ ସମ୍ପାଦକ ରତ୍ନାକର ସେଠୀ, ଜଗନ୍ନାଥ ପଣ୍ଡା, ସୁବ୍ରତ ଦାସ, ହୃଷିକେଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁଭଦ୍ରା ଯୋଜନାର ବ୍ୟାପକ ଜନସଚେତନା ପାଇଁ କେନ୍ଦୁଝରରେ ପଦଯାତ୍ରା ଓ ସ୍ୱାକ୍ଷର ଅଭିଯାନ ଆରମ୍ଭ

**କେନ୍ଦୁଝର, ନ୍ୟୁଜ୍**

ଓଡ଼ିଶାର ପ୍ରତ୍ୟେକଟି ମହିଳା ହେବେ ସ୍ୱାବଲମ୍ବୀ ଏବଂ ସଶକ୍ତ, ଏହି ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନା ବର୍ତ୍ତମାନ ଘରେ ଘରେ ଆଦୃତି ଲାଭ କରୁଥିବା ବେଳେ ଓଡ଼ିଶାର ରତ୍ନଗର୍ଭା ଜିଲ୍ଲା, କେନ୍ଦୁଝର ଠାରେ ମଧ୍ୟ ଏହି ଯୋଜନାର ସଫଳ ରୂପାୟନ ଓ ଏହି ପରିପ୍ରେକ୍ଷୀରେ, ଜିଲ୍ଲା ପ୍ରଶାସନ ଅନୁକୂଲ୍ୟରେ ରବିବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ସ୍ଥାନୀୟ ଅଡିଟୋରିୟମ୍ ପର୍ଯ୍ୟନ୍ତ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା । ଏହି ପଦଯାତ୍ରାରେ ୫୦୦ରୁ ଊର୍ଦ୍ଧ୍ୱ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ଏବଂ କେନ୍ଦୁଝର ଅଞ୍ଚଳର ଅଙ୍ଗନବାଡି କର୍ମୀମାନେ ଯୋଗଦେବା ସହ ସ୍ୱାକ୍ଷର ଅଭିଯାନରେ ନିଜକୁ ସାମିଲ୍ କରିଥିଲେ । ଏହି ପଦଯାତ୍ରାକୁ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ପତାକା ପ୍ରଦର୍ଶନ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୁଷଣ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଧନୁର୍ଜୟ ମହାନ୍ତ, ସଦର ବିଡ଼ିଓ ତିଳଓମା ପୃଷ୍ଟି, ଅତିରିକ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସୁଧା ଗୋସ୍ୱାମୀ ଓ ଜିଲ୍ଲା ମିଶନ




ଶକ୍ତି ସଂଗଠନର ସଂଯୋଜକ ଶିଶିର ଷଡ଼ଙ୍ଗୀ ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କୁ ଏହି ଯୋଜନାର ଉପାଦେୟତା ବିଷୟରେ ଅବଗତ କରାଇଥିଲେ । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଡିଟୋରିୟମ୍ ଠାରେ ଆୟୋଜିତ ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ନାଗଭୁଷଣ କହିଥିଲେ ଯେ ଆସନ୍ତା ୧୭ ତାରିଖ ଠାରୁ ଏହି ଯୋଜନା ଆରମ୍ଭ ହେବ । ଏବେ ଆବେଦନ କରିଥିବା ମହିଳାଙ୍କ ଠାରୁ ଆରମ୍ଭ କରି ୧୭ ପରେ ବି ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀ ମହିଳାଙ୍କୁ ବର୍ଷକୁ ରକ୍ଷାବନ୍ଧନ ଓ ଅର୍ନ୍ତଜାତୀୟ ମହିଳା ଦିବସରେ ୫ ହଜାର ଟଙ୍କା ଲେଖାଏଁ ୧୦ ହଜାର ଲେଖାଏଁ ୫ ବର୍ଷ ଦିଆଯିବ । ଏହି ଯୋଜନାକୁ ବ୍ଲକ, ପଞ୍ଚାୟତ, ଗାଁ ସ୍ତରରେ ବ୍ୟାପକ ସଚେତନତା ରଥ ଏବଂ ବିଭିନ୍ନ ସୂଚନା, ଶିକ୍ଷା ଯୋଗାଯୋଗ ମାଧ୍ୟମରେ ସୃଷ୍ଟି କରାଯାଉଛି, ଯେଉଁଭଳି ମହିଳାମାନେ ଠକାମିର ଶିକାର ନହେବେ ସେ ଦିଗରେ ଦୃଷ୍ଟି ଦିଆଯାଉଛି ବୋଲି ଶ୍ରୀ ନାଗଭୁଷଣ କହିଥିଲେ ।

## ମୃତ ବ୍ୟକ୍ତିଙ୍କୁ ଓକାକ୍‌ର ପ୍ରଶାସନିକ ଅଧିକାରୀ ଦାୟିତ୍ୱ

**କଟକ, ନ୍ୟୁଜ୍ ବ୍ୟୁରୋ**

ବର୍ଷେ ପୂର୍ବରୁ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣେ ଓଏଏସ୍ ଅଧିକାରୀଙ୍କର ବଦଳି ହୋଇଛି । ବଦଳି ନିର୍ଦ୍ଦେଶନାମାରେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ୍)ର ପ୍ରାଶାସନିକ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ କୁହାଯାଇଛି । କଥାଟି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ଓଏଏସ୍ ଅଧିକାରୀ ବଦଳି ତାଲିକାରେ ସଂପୃକ୍ତ ମୃତ ବ୍ୟକ୍ତିଙ୍କ ନାମ ରହିଛି । ଏଥିରୁ ରାଜ୍ୟ ସରକାର ଓ ଦାୟିତ୍ୱରେ ଅଧିକାରୀମାନେ ଏ ସମ୍ପର୍କରେ କେତେ ଅବଗତ ତାହା ସ୍ପଷ୍ଟ ଅନୁମେୟ । ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଥିବା ବେଳେ ବରିଷ୍ଠ ଓଏଏସ୍ ଅଧିକାରୀ ପ୍ରବୋଧ କୁମାର ରାଉତଙ୍କ ୨୦୨୩ ଜୁଲାଇ ୧୮ ତାରିଖରେ ମୃତ୍ୟୁ ଘଟିଥିଲା । ଶ୍ରୀ ରାଉତଙ୍କ ମୃତ୍ୟୁକୁ ପାଖାପାଖି ଏକ ବର୍ଷ ଦୁଇ ମାସ ହେଲାଣି । ହେଲେ ସରକାରଙ୍କ ପାଖରେ ଏ ସଂକ୍ରାନ୍ତରେ ଖବର ନାହିଁ ।

## ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପ୍ରସ୍ତୁତ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ପାଇଁ ଜାରି କରାଯାଇଥିବା ସମ୍ଭାବ୍ୟ ବର୍ଷା ଓ ବନ୍ୟା ସତର୍କକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏଥିନିମନ୍ତେ, ସମ୍ବେଦନଶୀଳ ତହସିଲ, ବ୍ଲକ ଏବଂ ଗ୍ରାମ ପଞ୍ଚାୟତ ପାଇଁ ଜିଲ୍ଲା ପ୍ରଶାସନ ପର୍ଯ୍ୟାପ୍ତ ପରିମାଣରେ ପୂର୍ବ ବ୍ୟବସ୍ଥା କରିଥିବା ସହ ସମସ୍ତ ଜରୁରୀକାଳୀନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସମ୍ଭାବିତ ବନ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଆବଶ୍ୟକ ସ୍ଥଳେ ସ୍କୁଲ୍ ଏବଂ କଲେଜ୍ ମଧ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇପାରେ ବୋଲି ସୂଚିତ କରିଛନ୍ତି । ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ସହାୟତା ନିମନ୍ତେ ସମସ୍ତ ଅଗ୍ନିଶମ କେନ୍ଦ୍ର ପ୍ରସ୍ତୁତ ରହିବେ । ସମସ୍ତ ବିଡ଼ିଓ, ତହସିଲଦାର ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ନିର୍ବାହୀ ଅଧିକାରୀଙ୍କୁ ବିପର୍ଯ୍ୟୟ ପ୍ରବଣ ଗ୍ରାମ ଓ ବାସସ୍ଥାନ ଗୁଡିକରେ ସ୍ଥାନାନ୍ତର ପାଇଁ ସମସ୍ତ ଯଥୋଚିତ ପଦକ୍ଷେପ ନେବା ପାଇଁ ଆଦେଶ ଦିଆଯାଇଛି । ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ପର୍ଯ୍ୟାପ୍ତ ଜଳ ଯୋଗାଣ, ଆଲୋକୀକରଣ, ପରିମଳ ବ୍ୟବସ୍ଥା ଏବଂ ମୌଳିକ ସୁବିଧା ଉପଲବ୍ଧ କରାଯିବ । ଶୁଖିଲା ଖାଦ୍ୟ ଓ ଶିଶୁ ଖାଦ୍ୟ ସମେତ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ବ୍ୟବସ୍ଥା କରାଯିବ । ପ୍ରଭାବିତ ଅଞ୍ଚଳଗୁଡିକରେ ନିରାପଦ ପାନୀୟ ଜଳ, ଔଷଧ, ଗୋଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରାଯିବା ପାଇଁ ଆଦେଶ ଦିଆଯାଇଛି । ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା, ଉପଜିଲ୍ଲାପାଳ ବାଲେଶ୍ୱର ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇ କୃଷ୍ଣ ଜେନା, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ ।

## 'ସୁଭଦ୍ରା' ଯୋଜନା ପାଇଁ ସୁବର୍ଣ୍ଣପୁର ଜିଲ୍ଲାରେ ହିତାଧିକାରୀ ପଞ୍ଜିକରଣ ଜାରି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ମହିଳା ସଶକ୍ତିକରଣ ନେଇ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ପ୍ରମୁଖ ଯୋଜନା ସୁଭଦ୍ରା ପାଇଁ ପଞ୍ଜିକରଣ କାର୍ଯ୍ୟ ଆଗେଇ ଚାଲିଛି । ଜିଲ୍ଲାରେ ଫର୍ମ ବିତରଣରେ କୌଣସି ସମସ୍ୟା ନଥିବା ବେଳେ ପ୍ରାୟ ସମସ୍ତଙ୍କ ପାଖକୁ ଫର୍ମ ପହଞ୍ଚାଇ ଦିଆଯାଇପାରିଛି । ଜିଲ୍ଲା ପାଇଁ ଆବଶ୍ୟକ ଫର୍ମ ମୁଦ୍ରଣ ପରେ ବି ଅଧିକ ଫର୍ମ ମୁଦ୍ରଣ କରାଯାଇଛି । ସରକାରଙ୍କ ଦ୍ୱାରା ଜାରି ମାର୍ଗ ଦର୍ଶିକା ଅନୁଯାୟୀ ପଞ୍ଜିକରଣ କାର୍ଯ୍ୟକୁ ସରଳୀକରଣ କରାଯାଇଥିବାରୁ ଆଗଭଳି ପଞ୍ଜିକରଣ ଓ.ଟି.ପି. ଆଧାରିତ ଦିଆଯାଉନାହିଁ । ଇ-କେୱାଇସିକୁ ପ୍ରାଧାନ୍ୟ ଦିଆଯାଉନାହିଁ ଅଥବା ପଞ୍ଜିକରଣ ପାଇଁ କୌଣସି ଶେଷ ଧାର୍ଯ୍ୟ ତାରିଖ ନାହିଁ । ସେପ୍ଟେମ୍ବର ୧୭ ପୂର୍ବରୁ ଯେପରି ସର୍ବାଧିକ ସଂଖ୍ୟାରେ ମହିଳା ପଞ୍ଜିକୃତ ହୋଇପାରିବେ ସେଥିପାଇଁ




ଜିଲ୍ଲାପ୍ରଶାସନ ଦ୍ୱାରା ସବୁ ପ୍ରକାର ପରିଚାଳନା ବ୍ୟବସ୍ଥା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଉଛି । ସୁବର୍ଣ୍ଣପୁର ଜିଲ୍ଲାର ୨ ଲକ୍ଷ ୫୦ ହଜାର ପାଖାପାଖି ଯୋଗ୍ୟ ମହିଳା ଏହି ଯୋଜନାରେ ଯୋଡ଼ି ହେବା ନେଇ ପ୍ରଶାସନ ତରଫରୁ ଆକଳନ କରାଯାଇଛି । ଶନିବାର ସୁଦ୍ଧା ୧ ଲକ୍ଷ ୩ ହଜାର ୮୬ ଅନ୍‌ଲାଇନ୍ ଆବେଦନ ହୋଇସାରିଥିବା ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୩ ହଜାର ମହିଳା ପଞ୍ଜିକୃତ ହୋଇସାରିଥିବା ଏବଂ ଆବେଦନ ପ୍ରକ୍ରିୟା ପୂର୍ବାପେକ୍ଷା ସରଳୀକରଣ ହୋଇଥିବା ତଥା ସୁଭଦ୍ରା ଯୋଜନା ଉଦ୍‌ଘାଟନ ମଙ୍ଗଳବାର ବାକିଥିବାରୁ ସର୍ବାଧିକ ସଂଖ୍ୟକ ପଞ୍ଜିକରଣ ହୋଇପାରିବ । ଜିଲ୍ଲାରେ ୩୦୪ ଜନସେବା କେନ୍ଦ୍ର ଓ ୧୭୨ ମୋ ସେବା କେନ୍ଦ୍ର ଜରିଆରେ ପଞ୍ଜିକରଣ କାର୍ଯ୍ୟ ଚାଲୁ ରହିଛି । ଏହି ପଞ୍ଜିକରଣ କାର୍ଯ୍ୟ ପାଇଁ କୌଣସି ସିଏସସି ଅଥବା ମୋ ସେବା କେନ୍ଦ୍ର ପରିଚାଳକ ଅର୍ଥ ଦାବି କରୁଥିବା ପ୍ରମାଣ ମିଳିଲେ କେନ୍ଦ୍ର ବିରୁଦ୍ଧରେ ଆଇନାନୁମୋଦିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଏହି ଆବେଦନ ପ୍ରକ୍ରିୟା କାର୍ଯ୍ୟର ବ୍ୟବସ୍ଥିତ ସୁପରିଚାଳନା ନିମନ୍ତେ ଜିଲ୍ଲାର ସମସ୍ତ କେନ୍ଦ୍ରକୁ ସମ୍ପୃକ୍ତ ନୋଡାଲ୍ ଅଧିକାରୀ ଓ ବରିଷ୍ଠ ଅଧିକାରୀ ବୃନ୍ଦ ପରିଦର୍ଶନ କରି କାର୍ଯ୍ୟର ତଦାରଖ କରିବା ସହ ଉପସ୍ଥିତ ହିତାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି । ଯୋଜନାର ଶୁଭାରମ୍ଭ ସେପ୍ଟେମ୍ବର ୧୭ରେ ହେବାକୁ ଥିବା ବେଳେ ପ୍ରଥମ କିସ୍ତିରେ ୫ ହଜାର ଟଙ୍କା ପ୍ରଦାନ କରାଯିବ ।

## ଚୋରା ବାଲି ବୋଝେଇ ୩ ହାଇୱା ଜବତ

**କୋରେଇ, ନ୍ୟୁଜ୍ ବ୍ୟୁରୋ**

ସେପ୍ଟେମ୍ବର (ହି.ସ.) - ବାଲିଚୋରା ଚାଲାଣ ବନ୍ଦ କରିବାକୁ ଯେତେ ପ୍ରୟାସ କଲେ ବି ରାତି ଅଧିଆ ହେଉଛି ବାଲି ଚୋରା ଚାଲାଣ । ପାଣିକୋଇଲି ଆଙ୍କୁଲା ରାସ୍ତା ଦେଇ ଶନିବାର ବିଳମ୍ବିତ ରାତିରେ ବାଲି ଚୋରା ଚାଲାଣ ଖବରପାଇ ପାଣିକୋଇଲି ପୋଲିସ ଚଢଉ କରି ତିନୋଟି ବାଲି ଗାଡି ଜବତ କରିଛି । ମତାବାଦ ଘାଟରୁ ବାଲି ଭାରୀଯାନ ଆସୁଥିବା ଖବରପାଇ ଥାନାଧିକାରୀ ରଂଜନ କୁମାର ପ୍ରଧାନଙ୍କ ନର୍ଦ୍ଦେଶରେ ସବ୍‌ଇନ୍‌ସପେକ୍ଟର ସ୍ମୃତି ମଞ୍ଜରୀ ବଡଜେନା ସଦଳବଳେ ଚଢଉ କରିଥିଲେ । ୩ଟି ହାଇୱା ବାଲିର କୌଣସି କାଗଜପତ୍ର ଦେଖାଇ ନପାରିବାରୁ ପୋଲିସ ଗାଡି ତିନୋଟି ଜବତ କରି ଥାନାକୁ ଆଣି ତଦନ୍ତ ଜାରି ରଖିଥିବା ପୋଲିସ ସୂତ୍ରରୁ ପ୍ରକାଶ ।

## ସ୍ପଷ୍ଟ ଦିବାଲୋକରେ ୫ ଲକ୍ଷ ଟଙ୍କା ଝାମ୍ପି ନେଲେ ୨ ଲୁଟେରା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଦିନ ଦିପହରେ ନୂଆପଲ୍ଲୀ ଅଞ୍ଚଳର ଏକ ଜନଗହଳିପୂର୍ଣ୍ଣ ରାସ୍ତାରେ ୨ ଲୁଟେରା ଜଣେ ବ୍ୟକ୍ତିଙ୍କ ଠାରୁ ୫ ଲକ୍ଷ ଟଙ୍କା ଝାମ୍ପି ନେଇଥିଲେ । ପାର୍ବଣ ଋତୁ ପ୍ରାରମ୍ଭରେ ରାଜଧାନୀରେ ଘଟିଥିବା ଏଭଳି ଲୁଟ୍ ଘଟଣା କମିସନରେଟ୍ ପୋଲିସର ନିଦ ହଜାଇ ଦେଇଛି । ତେଣୁ ପୋଲିସ ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ଲୁଟେରା ଯୋଡ଼ିଙ୍କୁ ଖୋଜୁଛି । କିନ୍ତୁ ଏହା ଭିତରେ ଘଟିଛି ଏକ ବିସ୍ମୟକର ଘଟଣା । ଲୁଟେରାମାନେ ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଫୋନ୍ କରି ତାଙ୍କ ବ୍ୟାଗ୍ ଓ ଲାପଟପ୍ ଫେରାଇ ଦେଇଛନ୍ତି । ସେମାନେ ବମିଖାଲ ଅଞ୍ଚଳରେ ଏକ ପରିତ୍ୟକ୍ତ ସ୍ଥାନରେ ବ୍ୟାଗ୍ ଓ ଲାପଟପ୍ ରଖିବା ପରେ ଫୋନ୍ କରି ଜଣାଇଥିଲେ । ପୋଲିସ ବମିଖାଲରୁ ବ୍ୟାଗ୍ ଓ ଲାପଟପ୍ ଜବତ କରିଛି ଏବଂ ଫୋନ୍ କରିଥିବା ବ୍ୟକ୍ତି କିଏ, ସେ କିଭଳି ଲୁଟ୍‌ର ଶିକାର ବ୍ୟକ୍ତିଙ୍କୁ ଜାଣିଲା, ସେନେଇ ଖୋଳତାଡ଼ କରୁଛି । ଅପରାହ୍ନରେ ଘଟିଥିଲା ଏହି ଲୁଟ୍ ଏକ ଘରୋଇ କନ୍‌ଷ୍ଟ୍ରକ୍‌ସନ୍ ସଂସ୍ଥାର କର୍ମଚାରୀ ବାସୁଦେବ ମହାରଣା ନୂଆପଲ୍ଲୀ ଆକ୍ସିସ୍ ବ୍ୟାଙ୍କ ଶାଖାରୁ ୫ ଲକ୍ଷ ଟଙ୍କା ଉଠାଇ ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଥିଲେ । ନୂଆପଲ୍ଲୀ ଥାନା ପୋଲିସ ବାସୁଦେବଙ୍କୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ୍ ସଂଗ୍ରହ କରିବା ଆରମ୍ଭ କରିଥିଲା । ସେହିଭଳି ବାସୁଦେବଙ୍କୁ ବି ପୋଲିସ ଟଙ୍କା ଉଠାଣ ବାବଦରେ ଓ ଅଫିସ୍‌ରେ କାହାକୁ ଟଙ୍କା ଦେବାର ଥିଲା ବୋଲି ବିଭିନ୍ନ ଦିଗକୁ ନେଇ ପଚରାଉଚରା କରୁଥିଲା । ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ବେଳେ ହଠାତ୍ ବାସୁଦେବଙ୍କ ମୋବାଇଲ୍ ରିଂ ହେଲା । ସେତେବେଳେ ସେ ନୂଆପଲ୍ଲୀ ଥାନାରେ ଥିଲେ । ଫୋନ୍ କରିଥିବା ଲୋକଟି ତାଙ୍କୁ କହିଥିଲା ଯେ ବମିଖାଲ ରେଳ ଓଭରବ୍ରିଜ୍ ତଳେ ଏକ ଅଳିଆ ଗଦା ନିକଟରେ ତାଙ୍କ ବ୍ୟାଗ୍ ପଡ଼ିଛି । ବାସୁଦେବ ତଦନ୍ତ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କ ନିକଟରେ ଥିବାରୁ ସେ ଏହା ଶୁଣିପାରିଥିଲେ । ତୁରନ୍ତ ପୋଲିସ ଟିମ୍ ବାସୁଦେବଙ୍କୁ ନେଇ ବମିଖାଲ ଯାଇଥିଲା ଏବଂ ସତକୁ ସତ ବ୍ୟାଗ୍ ମିଳିଥିଲା । ବ୍ୟାଗ୍ ଭିତରେ ତାଙ୍କର ଲାପଟପ୍ ଓ ଅନ୍ୟାନ୍ୟ ରେକର୍ଡପତ୍ର ଥିଲା । କିନ୍ତୁ ଟଙ୍କା ନଥିଲା । ସେହିଭଳି ଉକ୍ତ ମୋବାଇଲ୍ ସୁଇଚ୍ ଅଫ୍ ହୋଇଯାଇଥିଲା । ଲୁଟେରାମାନଙ୍କ ଏଭଳି ବିସ୍ମୟକର ଆଚରଣ ପୋଲିସର ସନ୍ଦେହ ବଢ଼ାଇଛି । ଲୁଟେରାମାନେ ବାସୁଦେବଙ୍କ ମୋବାଇଲ୍ ନମ୍ବର ଜାଣିଥିବାରୁ ସନ୍ଦେହ ସୃଷ୍ଟି ହୋଇଛି । ତେଣୁ ଏହି ଲୁଟ୍ ଏକ ସୁପରିକଳ୍ପିତ ନାଟକ ବୋଲି ପୋଲିସ ଅନୁମାନ କରୁଛି । ତେଣୁ ବାସୁଦେବଙ୍କୁ ଥାନାରେ ରଖି ପଚରାଉଚରା ଚାଲିଛି । ଲୁଟେରା ଯେଉଁ ମୋବାଇଲ୍‌ରୁ ଫୋନ୍ କରିଥିଲା, ପୋଲିସ ତାକୁ ଟ୍ରାକ୍ କରୁଛି । ଖୁବ୍‌ଶୀଘ୍ର ଏହି ନାଟକର ଶେଷଦୃଶ୍ୟ ଆସିଯିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି ।

30 YEARS
ସମ୍ବାଦ କଳିଙ୍ଗ

ଭୁବନେଶ୍ୱର, ୧୭ ସେପ୍ଟେମ୍ବର, ମଙ୍ଗଳବାର, ୨୦୨୪



# ଫାଇନାଲରେ ଅପରାଜେୟ ଭାରତୀୟ ହକି ଟିମ୍, ପାକିସ୍ତାନକୁ ସୁଟ୍ ଆଉଟ୍ କଲା ଚାଇନା

**ହୁଲୁନବୁଇର**

ଚାଇନାରେ ଚାଲିଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଭାରତୀୟ ପୁରୁଷ ହକି ଟିମ୍। ସେମି ଫାଇନାଲରେ ଦଳ କୋରିଆକୁ ୪-୧ରେ ପରାସ୍ତ କରି ୬ଷ୍ଠ ଥର ପାଇଁ ଏସିଆନ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିଛି।





ଫାଇନାଲରେ ଦଳ ମୁକାବିଲା ଆୟୋଜକ ଚାଇନା ସହ ହେବ। ଚାଇନା ପ୍ରଥମଥର ପାଇଁ ଏସିଆନ ଚାମ୍ପିୟନ୍ସ ଟ୍ରଫି ଫାଇନାଲକୁ ଯାଇଥିବା ବେଳେ ଭାରତ ତା'ର ୫ମ ଟାଇଟଲ ପାଇଁ ଲଢ଼େଇ କରିବ। ଭାରତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଏଯାଏଁ ଗୋଟିଏ ହେଲେ ମ୍ୟାଚ୍ ହାରିନାହିଁ। ଗ୍ରୁପ୍ ପର୍ଯ୍ୟାୟରେ ଦଳ ଚାଇନା ବିପକ୍ଷ ବିଜୟରୁ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଜାପାନ, ମାଲେସିୟା, କୋରିଆ ଓ ପାକିସ୍ତାନକୁ ଦଳ ମାତ୍ ଦେଇଥିଲା। ଏବେ ପୁଣି ଫାଇନାଲ ତଥା ଶେଷ ମ୍ୟାଚ୍‌ରେ ଦଳ ଚାଇନାକୁ ଭେଟିବାକୁ ଯାଉଛି।

ପ୍ରଥମ ସେମି ଫାଇନାଲରେ ଚାଇନା ବେଶ୍ ଅପ୍ରତ୍ୟାଶିତ ଢଙ୍ଗରେ ୩ ଥର ଏସିଆନ ଚାମ୍ପିୟନ୍ସ ଟ୍ରଫି ଜିତିଥିବା ପାକିସ୍ତାନକୁ ସୁଟ୍ ଆଉଟ୍‌ରେ ହରାଇ ଫାଇନାଲ ଟିକେଟ ହାତେଇ ଥିଲା। ପ୍ରଥମେ ମ୍ୟାଚ୍ ୧-୧ରେ ଡ୍ର' ରହିବାରୁ ସୁଟ ଆଉଟ୍ ହୋଇଥିଲା। ଏଥିରେ ଚାଇନା ୨-୦ରେ ପାକିସ୍ତାନକୁ ହରାଇ ଦେଇଥିଲା।

ଦ୍ୱିତୀୟ ସେମିରେ ଭାରତର ମୁକାବିଲା କୋରିଆ ସହ ହୋଇଥିଲା। ମ୍ୟାଚ୍ ଆରମ୍ଭରୁ ହିଁ ଭାରତୀୟ ଟିମ୍ ତା'ର ଦବ୍‌ଦବା ଦେଖାଇଥିଲା। ମ୍ୟାଚ୍‌ର ୧୩ତମ ମିନିଟରେ ଭାରତ ପାଇଁ ଉତ୍ତମ ସିଂହ ପ୍ରଥମ ଫିଲ୍ଡ ଗୋଲ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଅଧିନାୟକ ହରମନପ୍ରୀତ ସିଂହ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ଭାରତକୁ ୨-୦ରେ ଆଗୁଆ କରି ଦେଇଥିଲେ।

ତୃତୀୟ କ୍ୱାର୍ଟରେ ଭାରତ ଉପରେ କୋରିଆ ଚାପ ପକାଇବାକୁ ଚେଷ୍ଟା କରିଥିଲା। ହେଲେ ହରମନପ୍ରୀତ ୩୨ତମ ମିନିଟରେ ଚମତ୍କାର ଫିଲ୍ଡ ଗୋଲ୍ କରି ସ୍ଥିତି ୩-୦ କରି ଦେଇଥିଲେ। ଏହାର ଗୋଟିଏ ମିନିଟ୍ ପରେ କୋରିଆରକୁ ଗୋଲ୍ କରିବାର ସୁଯୋଗ ମିଳିଥିଲା। ଦଳକୁ ୩୩ତମ ମିନିଟରେ ମିଳିଥିବା ପିସିକୁ ଓ୍ୱାଙ୍ଗ ଜିହୁନ ଗୋଲରେ ପରିଣତ କରି କମ୍‌ବ୍ୟାକ୍‌ର ଆଶା ସୃଷ୍ଟି କରିଥିଲେ। କୋରିଆ ମଧ୍ୟ ଘନଘନ ଆକ୍ରମଣ କରିଥିଲା।

ହେଲେ ତୃତୀୟ କ୍ୱାର୍ଟରର ଶେଷ ସେକେଣ୍ଡରେ ଘଟିଥିଲା ଆଶ୍ଚର୍ଯ୍ୟ-ଜନକ ଘଟଣା। କୋରିଆର ଗୋଲକିପର ଭାରତର ଏରିଏଲ ପାସ୍‌କୁ ରୋକିବା ପାଇଁ ଚେଷ୍ଟା କରି ଡି' ଭିତରୁ ବାହାରି ଯାଇଥିଲେ। ତେଣୁ ତାଙ୍କୁ ୟେଲୋ କାର୍ଡ ମିଳିବା ସହ ଭାରତକୁ ପିସି ମିଳିଥିଲା। ଏହାକୁ ହରମନପ୍ରୀତ ସିଂହ ଗୋଲରେ ପରିଣତ କରି ଭାରତର ଲିଡ୍‌କୁ ୪-୧ କରି ଦେଇଥିଲେ।

୪ର୍ଥ ତଥା ଶେଷ କ୍ୱାର୍ଟରରେ କୋରିଆ ଘନଘନ ଆକ୍ରମଣ କରିଥିଲା। ଦଳକୁ ଏକାଧିକ ପିସି ମଧ୍ୟ ମିଳିଥିଲା। ହେଲେ ଭାରତୀୟ ଡିଫେନ୍ସ କୋରିଆର ସବୁ ଉଦ୍ୟମକୁ ପଣ୍ଡ କରି ଦେଇଥିଲେ।

ଶେଷରେ ଭାରତ ମ୍ୟାଚ୍‌କୁ ୪-୧ରେ ଜିତି ୬ଷ୍ଠ ଥର ପାଇଁ ଏସିଆନ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଜରମନପ୍ରୀତ ସିଂହଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି।

# ଆରସିବିରେ ଯୋଗଦେବେ ରାହୁଲ

**ନୂଆଦିଲ୍ଲୀ**




ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ମାଲିକ ସଂଜୀବ ଗୋଏଙ୍କା ଅଧିନାୟକ କେଏଲ୍ ରାହୁଲଙ୍କୁ ଅପମାନିତ କରୁଥିବାର ଭିଡିଓ ପଦାକୁ ଆସିବା ପରେ ବଡ଼ ବିବାଦ ସୃଷ୍ଟି ହୋଇଥିଲା। ରାହୁଲଙ୍କ ପ୍ରଶଂସକ ଏଥିଲାଗି ଗୋଏଙ୍କାଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏପରିକି ତୁରନ୍ତ ଏହି ଦଳ ଛାଡ଼ିବାକୁ ତାଙ୍କୁ ଆହ୍ୱାନ କରିଥିଲେ। ଗୋଏଙ୍କାଙ୍କ ବ୍ୟବହାର ତାଙ୍କୁ ବ୍ୟଥିତ କରିଥିଲା ବୋଲି ରାହୁଲ ବି ଅନେକ ଥର ପରୋକ୍ଷରେ ସଙ୍କେତ ଦେଇଥିଲେ। ଏବେ ଆଗାମୀ ଆଇପିଏଲ୍ ଋତୁ ପୂର୍ବରୁ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ଛାଡ଼ି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ରେ ଯୋଗଦେବାର ଆଭାସ ଦେଇଛନ୍ତି ସେ। ଆରସିବିରେ ଯୋଗଦେବାର ସମ୍ଭାବନା ଉପରେ ଜଣେ ପ୍ରଶଂସକ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇ ଆଶାବାଦୀ ଅଛି ବୋଲି କହିଛନ୍ତି।

ଏହା କହି ଆରସିବିରେ ଯୋଗଦେବା ନେଇ ଯେ ସେ କଥାବାର୍ତ୍ତା ଆରମ୍ଭ କରି ଦେଇଥିବା ସଙ୍କେତ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ପ୍ରତିଭାବାନ ଡାହାଣହାତୀ ବ୍ୟାଟର ରାହୁଲ ତାଙ୍କ ଆଇପିଏଲ୍ ଯାତ୍ରା ୨୦୧୩ ମସିହାରେ ଆରସିବିରୁ ହିଁ ଆରମ୍ଭ କରିଥିଲେ। ହେଲେ ୨୦୧୪ ଓ ୨୦୧୫ ଋତୁରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ଚାଲି ଯାଇଥିଲେ। ୨୦୧୬ରେ ସେ ପୁଣି ଥରେ ଆରସିବିକୁ ଫେରିଥିଲେ। ତେବେ ଆହତ ହୋଇ ୨୦୧୭ ଋତୁ ଖେଳି ପାରି ନଥିଲେ। ଆରସିବି ତାଙ୍କୁ ୨୦୧୮ରେ ଛାଡ଼ିବା ପରେ ସେ ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ପଞ୍ଜାବ କିଙ୍ଗ୍ସର ପ୍ରତିନିଧିତ୍ୱ କରିଥିଲେ। ୨୦୨୨ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ନେତୃତ୍ୱ ନେଇ ଲଗାତାର ଦୁଇ ଥର ଏହି ଦଳକୁ ପ୍ଲେ ଅଫ୍‌ରେ ପହଞ୍ଚାଇଥିଲେ। ହେଲେ ଉଭୟ ଥର ଦଳ ପ୍ଲେ ଅଫ୍ ଆଗକୁ ବଢ଼ି ପାରି ନଥିଲା। ଚଳିତବର୍ଷ ଆହୁରି ଖରାପ କରି ସପ୍ତମ ସ୍ଥାନକୁ ଖସି ଆସିଥିଲା ଲକ୍ଷ୍ନୌ ସୁପର ଜାଏଣ୍ଟସ୍।

# ନୀରଜଙ୍କ ପାଇଁ ହୃଦୟର କଥା କହିଦେଲେ ମନୁ ଭାକର

**ନୂଆଦିଲ୍ଲୀ**




ବ୍ରସେଲ୍ସରେ ଅନୁଷ୍ଠିତ ଡାଏମଣ୍ଡ ଲିଗ୍ ଫାଇନାଲରେ ଭାରତର ତାରକା ଜାଭେଲିନ ଖେଳାଳି ନୀରଜ ଚୋପ୍ରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ଏକ ସେଣ୍ଟିମିଟର ପାଇଁ ଚାମ୍ପିଅନ ହେବାରୁ ବଞ୍ଚିତ ହୋଇଥିଲେ। ଏହା ପରେ ନୀରଜ ଏକ ପୋଷ୍ଟ ମାଧ୍ୟମରେ କହିଥିଲେ, ତାଙ୍କ ହାତରେ ଫ୍ରାକ୍‌ଚର ଅଛି ଏବଂ ଏହା ସତ୍ତ୍ୱେ ସେ ଖେଳିବାକୁ ଆସି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଚଳିତ ସିଜନ୍ ଶେଷ ହୋଇଛି ଏବଂ ବର୍ତ୍ତମାନ ଆଗାମୀ ସିଜନରେ ଅଧିକ ଶକ୍ତିଶାଳୀ ଭାବେ ପ୍ରତ୍ୟାବର୍ତ୍ତନ କରିବି।

ଏହି ପୋଷ୍ଟରେ ପ୍ରଶଂସକଙ୍କ ଠାରୁ ଅନେକ ପ୍ରତିକ୍ରିୟା ଆସିଥିଲା ଏବଂ ସମସ୍ତେ ନୀରଜଙ୍କ ଶୀଘ୍ର ଆରୋଗ୍ୟ କାମନା କରିଥିଲେ। ଏହି ପୋଷ୍ଟରେ ପ୍ୟାରିସ୍ ଅଲିମ୍ପିକ୍ସରେ ଦୁଇଟି ପଦକ ଜିତିଥିବା ସୁଟର ମନୁ ଭାକରଙ୍କ ପ୍ରତିକ୍ରିୟା ମଧ୍ୟ ଆସିଛି। ସେ ନୀରଜଙ୍କ ଟୁଇଟ୍‌କୁ ସେୟାର କରି ଏହାର କ୍ୟାପ୍‌ସନରେ କିଛି ଲେଖିଛନ୍ତି ଯାହା ପ୍ରଶଂସକଙ୍କ ହୃଦୟ ଜିତିଛି।

ମନୁ ନୀରଜଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଆଘାତରୁ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ନୀରଜଙ୍କ ପୋଷ୍ଟର ପ୍ରତିକ୍ରିୟାରେ ସେ ଲେଖିଛନ୍ତି, ୨୦୨୪ରେ ଏକ ଚମତ୍କାର ସିଜନ୍ ପାଇଁ ନୀରଜଙ୍କୁ ଅଭିନନ୍ଦନ। ମୁଁ ତୁମର ଶୀଘ୍ର ଆରୋଗ୍ୟ ସହ ଏବଂ ଆଗାମୀ ବର୍ଷରେ ଅଧିକ ସଫଳତା କାମନା କରୁଛି।

ମନୁଙ୍କ ନାମ ପ୍ୟାରିସ୍ ଅଲିମ୍ପିକ ରୌପ୍ୟ ପଦକ ବିଜେତା ତଥା ଟୋକିଓ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରାଙ୍କ ସହ ଯୋଡ଼ା ଯାଇଥିଲା। ତେବେ ଏହାକୁ ତାଙ୍କ ପରିବାର ଖଣ୍ଡନ କରିଛନ୍ତି। ଏକ ଶୋ'ରେ ନୀରଜଙ୍କ ବିଷୟରେ ପ୍ରଶ୍ନ ପଚରାଯିବା ପରେ ମନୁ ରାଗିଯାଇ ଇଭେଣ୍ଟ ଛାଡ଼ିଦେଇ ଥିଲେ। ବ୍ରୁସେଲ୍ସରେ ଖେଳାଯାଇ ଥିବା ଫାଇନାଲ୍ ମ୍ୟାଚରେ ନୀରଜ ୮୭.୮୬ ମିଟର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

# ପାରାଲିମ୍ପିଆନ୍ ପ୍ରମୋଦ ଭାଗତଙ୍କ ନାଁରେ ଚାଲାଣ କାଟିଲା ପୁଲିସ

**ଭୁବନେଶ୍ୱର**



ଭାରତର ବ୍ୟାଡ୍‌ମିଣ୍ଟନ୍ ଖେଳାଳି ପ୍ରମୋଦ ଭାଗତଙ୍କ ନାଁରେ ଚାଲାନ କଟିଛି। ରାଜଧାନୀ ଭୁବନେଶ୍ୱରରେ ମଦପିଇ ଗାଡ଼ି ଚଳାଇବା ଅଭିଯୋଗରେ କମିସନରେଟ ପୁଲିସ ଶନିବାର ରାତିରେ ପ୍ରମୋଦ ଭଗତଙ୍କ ନାମରେ ଏହି ଚାଲାନ କାଟିଥିବା ଜଣାପଡ଼ିଛି।

କମିଶନରେଟ ପୁଲିସ କହିଛି ଯେ, ପ୍ରମୋଦ ଭଗତ ସେପ୍ଟେମ୍ବର ୧୪ ରାତିରେ ରାଜଧାନୀର ନାଲ୍‌କୋ ଛକ ନିକଟରେ ମଦ୍ୟପାନ କରୁଥିବା ଅବସ୍ଥାରେ ଧରାପଡ଼ିଥିଲେ। ସୂଚନାଯୋଗ୍ୟ, ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗଦ ଟୋକିଓ ଅଲିମ୍ପିକ୍ସ-୨୦୨୦ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ପୁରୁଷ ସିଙ୍ଗଲ୍ସ ବର୍ଗରେ ପଦକ ଜିତିଥିଲେ। ବ୍ୟାଡମିଣ୍ଟନ୍ ଓ୍ୱାର୍ଲ୍ଡ ଫେଡେରେସନର ଆଣ୍ଟି-ଡୋପିଂ ଧାରା ଉଲ୍ଲଂଘନ ହେତୁ ଚଳିତ ବର୍ଷ ଅଗଷ୍ଟରେ ପାରା ସଟଲରଙ୍କୁ ୧୮ ମାସ ପାଇଁ ନିଲମ୍ବିତ କରାଯାଇଛି। ନିଲମ୍ବନ ଯୋଗୁଁ ଭଗଦ୍ ପ୍ୟାରିସ ପାରାଲିମ୍ପିକ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିପାରି ନଥିଲେ।

# ଟ୍ରକ୍ ଡ୍ରାଇଭରଙ୍କ କଲର ଧରିଦେଇଥିଲେ ଗୌତମ ଗମ୍ଭୀର : ଆକାଶ ଚୋପ୍ରା



**ନୂଆଦିଲ୍ଲୀ**

ଟ୍ରକ୍ ଡ୍ରାଇଭରଙ୍କ ସହ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଲଢେଇର ଏକ ମଜାଳିଆ କାହାଣୀ ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା ବର୍ଣ୍ଣନା କରିଛନ୍ତି। ନିକଟରେ ଏକ ସାକ୍ଷାତକାର ସମୟରେ ଆକାଶ ଚୋପ୍ରା ଗମ୍ଭୀରଙ୍କ ସହ ତାଙ୍କ ସମ୍ପର୍କକୁ ଖୋଲି ଦିଲ୍ଲୀର ଡ୍ରେସିଂ ରୁମ୍‌ରୁ କିଛି ଘଟଣା ମନେ ପକାଇଥିଲେ। ଗମ୍ଭୀରଙ୍କ ଆକ୍ରମଣାତ୍ମକତାକୁ ଅନ୍ୟ କ୍ରିକେଟରଙ୍କ ତୁଳନାରେ ଭିନ୍ନ ବୋଲି ବର୍ଣ୍ଣନା କରିଛନ୍ତି।

ଆକାଶ କହିଛନ୍ତି, ଗମ୍ଭୀର ଜଣେ ଭାବପ୍ରବଣ ବ୍ୟକ୍ତି। ସେ କଠିନ ପରିଶ୍ରମୀ। ଟିକିଏ ଗମ୍ଭୀର, କିନ୍ତୁ ବହୁତ ରନ ସ୍କୋର କରିଛନ୍ତି। ସେ ସବୁବେଳେ ନିଜ ହୃଦୟକଥା ଶୁଣନ୍ତି। ଗମ୍ଭୀର ଥରେ ଦିଲ୍ଲୀରେ ଏକ ଟ୍ରକ୍ ଡ୍ରାଇଭର ସହିତ ଝଗଡ଼ା କରିଥିଲେ। ସେ ତାଙ୍କ କାର୍‌ରୁ ଓହ୍ଲାଇ ଟ୍ରକ୍ ଉପରକୁ ଚଢି ଡ୍ରାଇଭରର କଲର ଧରିବାକୁ ଯାଉଥିଲେ। କାରଣ ଡ୍ରାଇଭର ତାଙ୍କ ସହ ଦୁର୍ବ୍ୟବହାର କରୁଥିଲେ। ତେବେ ଦଳର ଶୀର୍ଷ ସ୍ଥାନ ପାଇଁ କଡ଼ା ପ୍ରତିଯୋଗିତା ଥିବାରୁ ଆକାଶ ସ୍ୱୀକାର କରିଛନ୍ତି, ସେ ଗମ୍ଭୀରଙ୍କ ବନ୍ଧୁ ନୁହଁନ୍ତି। ଆମେ ପ୍ରତିଦ୍ୱନ୍ଦ୍ୱିତା କରୁଛୁ କାରଣ ଆମେ ଏକ ସ୍ଥାନ ପାଇଁ ଯୁଦ୍ଧ କରୁଥିଲୁ। ଓପନର ଭାବରେ ଆମେ ପ୍ରତିଯୋଗିତା କରିଥିଲୁ। ସତ କହିବାକୁ ଗଲେ, ଗୌତମ ଜଣେ ବନ୍ଧୁ ନ ଥିଲେ, କିନ୍ତୁ ସେ ଜଣେ ଅତି ଉତ୍ସାହୀ ଖେଳାଳି, ବହୁତ ପରିଶ୍ରମୀ ଥିଲେ।ସେପ୍ଟେମ୍ବର ୧୯ରୁ ବାଂଲାଦେଶ ବିପକ୍ଷ ଆଗାମୀ ଟେଷ୍ଟରେ ଗମ୍ଭୀର ଭାରତୀୟ ଦଳର ମୁଖ୍ୟ କୋଚ୍ ଭାବରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିବ। କୋଚ୍ ଭାବେ ଟିମ୍ ଇଣ୍ଡିଆ ସହିତ ଏହା ତାଙ୍କର ପ୍ରଥମ ଟେଷ୍ଟ ସିରିଜ ହେବ।

# କଳିଙ୍ଗ ଷ୍ଟାଡ଼ିଅମ୍‌ରେ ଆୟୋଜିତ ହେବ ୭୦ତମ ଓଡ଼ିଶା ରାଜ୍ୟ ସିନିଅର ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍-୨୦୨୪

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାରଙ୍କର କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ଆଥଲେଟିକ୍ସ ଅସୋସିଏସନର ଯୁଗ୍ମ ଉଦ୍ୟମରେ, ୭୦ତମ ଓଡ଼ିଶା ରାଜ୍ୟ ସିନିଅର ଆଥଲେଟିକ୍ସ ଚ୍ୟାମ୍ପିଅନ୍‌ସିପ୍ ୨୦୨୪ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମ୍‌ରେ ୧୮-୨୦ ସେପ୍ଟେମ୍ବର ୨୦୨୪ ମଧ୍ୟରେ ଅନୁଷ୍ଠିତ ହେବ। ଏହି ୩ ଦିନିଆ ପ୍ରତିଯୋଗିତାରେ ୨୬୮ ମହିଳା ସମେତ ରାଜ୍ୟର ୩୦ଟି ଜିଲ୍ଲାର ପ୍ରାୟ ୯୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶା-ରିଲାୟନ୍ସ ଫାଉଣ୍ଡେସନ୍ ଆଥଲେଟିକ୍ସ ହାଇ-ପରଫର୍ମାନ୍ସ ସେଣ୍ଟର ଓ ଓଡ଼ିଶା ସରକାରଙ୍କର କ୍ରୀଡ଼ା ଛାତ୍ରାବାସରେ ଅଭ୍ୟାସ କରୁଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଓଡ଼ିଶା ପୋଲିସ, ପୋଷ୍ଟାଲ୍ ସେବା, ବିଏସ୍‌ଏନ୍‌ଏଲ୍ ଓ କିଟ୍ ବିଶ୍ୱବିଦ୍ୟାଳୟରୁ ମଧ୍ୟ ଅଂଶଗ୍ରହଣକାରୀମାନେ ଏହି କ୍ରୀଡ଼ା ପ୍ରତିଯୋଗିତା ଅଂଶଗ୍ରହଣ କରିବେ। ୭୧ ଜଣିଆ ସୁନ୍ଦରଗଡ଼ ଏବଂ କଟକ ଜିଲ୍ଲାର ଦଳଗୁଡିକ ଏହି ପ୍ରତିଯୋଗିତାରେ ସର୍ବବୃହତ୍ ଅଟନ୍ତି, ତନ୍ମଧ୍ୟରୁ ୨୭ ଜଣ ପ୍ରତିଯୋଗୀ ମହିଳା ଅଟନ୍ତି। ଏହି ଦୁଇଟି ଜିଲ୍ଲାରୁ ଜିଲ୍ଲାରୁ ମହିଳା ମାନେ ମଧ୍ୟ ବିଶିଷ୍ଟ ସଂଖ୍ୟାରେ ଅଂଶଗ୍ରହଣ କରିବେ। ଏହି ଦୁଇଟି ଜିଲ୍ଲାରୁ ମୋଟ ୫୬ ଜଣ ମହିଳା ବିଭିନ୍ନ ଟ୍ରାକ୍ ଓ ଫିଲ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଓଡ଼ିଶା ଆଥଲେଟିକ୍ସ ଅସୋସିଏସନର ପ୍ରବୋଧ ମହାନ୍ତିଙ୍କ ଅନୁସାରେ ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଏକ ମଞ୍ଚ ସୃଷ୍ଟି କରିବା ସହ ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଭବିଷ୍ୟତ ରେ ସହାଯ୍ୟ କରିବ। 'ଏହି ପ୍ରତିଯୋଗିତାରୁ ଆମେ ସେମାନଙ୍କୁ ବାଛିବା, ଯେଉଁମାନେ ଓପନ ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏହା ତାଙ୍କୁ ଜାତୀୟ ପରିପେକ୍ଷୀ ରେ ଅଧିକ ଅଭିଜ୍ଞତା ଦେବାକୁ ସାହାଯ୍ୟ କରିବ', ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଯୋଗ୍ୟ କ୍ରୀଡ଼ାବିତ୍‌ମାନେ ୨୮ରୁ ୩୦ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ପାଟନାରେ ଆୟୋଜିତ ହେବାକୁ ଥିବା ୪ର୍ଥ ଇଣ୍ଡିଆ ଓପନ ଅଣ୍ଡର-୨୩ ଏଥଲେଟିକ୍ସ ପ୍ରତିଯୋଗିତା ୨୦୨୪ରେ ଅଂଶଗ୍ରହଣ କରିବେ। କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରଧାନ ସଚିବ ଭାସ୍କର ଜ୍ୟୋତି ସର୍ମା। କଳିଙ୍ଗ ଷ୍ଟାଡିଅମ୍‌ରେ ଏହି ପ୍ରତିଯୋଗିତାକୁ ଆୟୋଜନ କରିବାକୁ ନେଇ ନିଜର ଖୁସି ବ୍ୟକ୍ତ କରିଛନ୍ତି। 'ଏହା ସରକାରଙ୍କ କ୍ରୀଡ଼ାକୁ ଆଗକୁ ନେବାରେ ଓ କ୍ରୀଡ଼ାବିତ୍‌ମାନଙ୍କୁ ଗଢିତୋଳିବାରେ ସରକାରଙ୍କର ପ୍ରତିବଦ୍ଧତାକୁ ପ୍ରତିପାଦିତ କରେ। ମୁଁ ସମସ୍ତ ପ୍ରତିଯୋଗୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଆଶା କରୁଛି ଯେ ସେମାନଙ୍କ ପାଇଁ ଏହି ପ୍ରତିଯୋଗିତା ଅବିସ୍ମରଣୀୟ ହୋଇ ରହିବ' ବୋଲି ଶ୍ରୀ ସର୍ମା କହିଥିଲେ।



# ଆନ୍ତଃ ପ୍ରଦେଶ ଦିବ୍ୟାଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରମ୍ଭାର ପ୍ରଫୁଲ୍ଲ ତରେଇ ମନୋନୀତ



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ମାସ ୧୫ରିଖରୁ ୨୬ରିଖ ଜୟପୁର (ରାଜସ୍ଥାନ )ପର୍ଯ୍ୟନ୍ତ ଦିବ୍ୟାଙ୍ଗ ଓଡ଼ିଶା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ରାଜ୍ୟର ୧୬ଜଣଙ୍କ ମଧ୍ୟରୁ ଗଞ୍ଜାମ ଜିଲ୍ଲାର ଦିବ୍ୟାଙ୍ଗ ରମ୍ଭା ଅଞ୍ଚଳର ପ୍ରଫୁଲ ତରେଇ ପେସା ଅଟେ। ଚଲେଇବା ଓ ନିଶା କ୍ରିକେଟ ଖେଳିବାରେ ମନୋନିବେଶ କରି ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ନିଜ ଖେଳ ଜାହିର ସୃଷ୍ଟି କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ଖେଳାଳି ପ୍ରଫୁଲ କୁମାର ତରେଇ ସ୍ଥାନ ପାଇବା ଖବର ପାଇ ରମ୍ଭା କ୍ରିକେଟ କ୍ଲବ୍ ସହ ଓ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ର ସୁଅ ଛୁଟିଛି। ତତ୍‌ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଉପରୋକ୍ତ ଖେଳାଳି ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ଏଥିନେଇ ରମ୍ଭା କ୍ରିକେଟ ସଭାପତି ସିମାଞ୍ଚଳ ବାଡ଼ତୀୟା, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଉପସଭାପତି ହିମାଂଶୁ ବୈଠରୁ ସମେତ ଦଳର ସମସ୍ତ ସଦସ୍ୟ ତାଙ୍କର ଆଗାମୀ ଖେଳ ପ୍ରଦର୍ଶନ ସଫଳତା କାମନା କରିଛନ୍ତି।

# ତଣ୍ଟି ଚିପି ଟଙ୍କା ଲୁଟ୍ ଘଟଣାରେ ୨ ଲୁଟେରା ଗିରଫ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜଣେ ବ୍ୟକ୍ତିଙ୍କୁ ବାଟରେ ଅଟକାଇ ତଣ୍ଟି ଚିପି ଟଙ୍କା ଲୁଟ୍ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୁଲିସ ୨ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ସୁନ୍ଦରପଦା ନୂଆସାହିର ବ୍ରହ୍ମା ରାଉତ(୪୮) ଓ ସୁକାନ୍ତ ରାଉତ(୩୭)। ପୁଲିସ ସେମାନଙ୍କ ଠାରୁ ଲୁଟ୍ ଟଙ୍କା ଜବତ କରିଛି। ପୁଲିସ ସୂଚନା ଅନୁଯାୟୀ, ଏମ୍ ବିଶ୍ୱଜିତ ନାମକ ଜଣେ ବ୍ୟକ୍ତି ଋଣ କରିଥିବା ୯୫ ହଜାର ୮୦୦ ଟଙ୍କା ଧରି ଯାଉଥିଲେ। ସୁନ୍ଦରପଦା କାଳିଆଶୁଣି ମନ୍ଦିର ନିକଟରେ ସେ ଯାଉଥିବା ବେଳେ ବ୍ରହ୍ମା ଓ ସୁକାନ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇବା ସହ ଧମକଚମକ ଦେଇ ଟଙ୍କା ଛଡ଼ାଇଥିଲେ । ବିଶ୍ୱଜିତ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଠେଲାପେଲାବେଳେ ଜଣେ ଲୁଟେରାର ମୋବାଇଲ ଫୋନ୍ ସେଠାରେ ଗଳିପଡ଼ିଥିଲା। ଏହି ସମୟରେ ବିଶ୍ୱଜିତ ଉକ୍ତ ମୋବାଇଲ୍‌ରୁ ପୁଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରିଥିଲେ। ତୁରନ୍ତ ଏୟାରଫିଲ୍ଡ ଥାନା ପିସିଆର୍ ପୁଲିସ ଘଟଣାସ୍ଥଳରେ ପହଞ୍ଚିଯାଇଥିଲା।



ପୁଲିସକୁ ଦେଖି ଦୁଇ ଲୁଟେରା ଖସି ପଳାଇବା ପାଇଁ ଉଦ୍ୟମ କରୁଥିବା ବେଳେ ପୁଲିସ ଟିମ୍ ସେମାନଙ୍କୁ ଗୋଡ଼ାଇ ଧରିଥିଲା। ସେମାନଙ୍କ ଠାରୁ ସମସ୍ତ ଟଙ୍କା, ମୋବାଇଲ ଫୋନ୍ ଓ ଲୁଟ୍‌ରେ ବ୍ୟବହୃତ ବାଇକ୍ ପୁଲିସ ଜବତ କରିଥିଲା। ବିଶ୍ୱଜିତଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ବ୍ରହ୍ମା ଓ ସୁକାନ୍ତଙ୍କୁ ଗିରଫ କରି ପୁଲିସ ଅଦାଲତ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଝାରପଡ଼ାସ୍ଥିତ ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି।

☎ : 06814-247330
E-mail : dgp_nac@yahoo.com

**NOTIFIED AREA COUNCIL, DIGAPAHANDI, ODISHA, PIN-761012**

**ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଉପଲକ୍ଷେ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା**

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି, (ଗଞ୍ଜାମ)**

୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପୈଠ କରନ୍ତୁ।
୨. ପଲିଥିନର ବ୍ୟବହାରରୁ ନିବୃତ ରହନ୍ତୁ।
୩. ପରିଷଦର ବିନାନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ। ଗୃହ ନକ୍ସା (Building Plan) ଅନୁମୋଦନ କରି ଗୃହ ନିର୍ମାଣ କରନ୍ତୁ। ଗୃହ ନକ୍ସା (Building Plan), ସମ୍ପତ୍ତି ଟିକସ (Property Tax), ଟ୍ରେଡ୍ ଲାଇସେନ୍ସ (Trade Licence), ବିବାହ ପଞ୍ଜିକରଣ (Marriage Registration) ଇତ୍ୟାଦି ସେବା ପାଇବା ନିମନ୍ତେ ସୁଯୋଗ ପୋର୍ଟାଲ www.sujog.odisha.gov.in ମାଧ୍ୟମରେ ଆବେଦନ କରନ୍ତୁ।
୪. ନାଳ ନର୍ଦ୍ଦମାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ଓ ପରିମଳ କାର୍ଯ୍ୟକ୍ରମକୁ ସୁଦୃଢ଼ ନିମନ୍ତେ ଦୁଇଟି ଡଷ୍ଟବିନ୍ ଠିକ୍ ଭାବେ ବ୍ୟବହାର କରନ୍ତୁ ଏବଂ ଗୃହର ମଇଳାକୁ ସ୍ୱଚ୍ଛତା ରଥରେ ଦିଅନ୍ତୁ ଏବଂ ନିଜ ଘରର ୫ ମିଟର ପରିସର ସଫା ରଖନ୍ତୁ। ପରିମଳ କର୍ମଚାରୀ ତଥା ସ୍ୱଚ୍ଛସାଥୀ ଭଉଣୀମାନଙ୍କୁ ସଦା ସର୍ବଦା ସହଯୋଗ କରନ୍ତୁ।
୫. ଖୋଲା ସ୍ଥାନରେ ମଳତ୍ୟାଗ କରନ୍ତୁ ନାହିଁ।
୬. ଗାଈ ଗୋରୁ ଓ ଗୃହପାଳିତ ପ୍ରାଣୀଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡ଼ନ୍ତୁ ନାହିଁ।
୭. ଦିଗପହଣ୍ଡି ସହରର ପ୍ରତ୍ୟେକ ବ୍ୟବସାୟୀଙ୍କୁ ଅନୁରୋଧ ସୁଯୋଗ ପୋର୍ଟାଲ ମାଧ୍ୟମରେ ଆବେଦନ କରି ନିଜର ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ।
୮. ବୃକ୍ଷରୋପଣ କରନ୍ତୁ ଏବଂ ଏହାର ସଠିକ୍ ଭାବେ ଯତ୍ନ ନିଅନ୍ତୁ। ସ୍ୱଚ୍ଛ, ସବୁଜ ସୁନ୍ଦର ପ୍ରଦୂଷଣ ମୁକ୍ତ ପରିବେଶ ଭାବେ ସହରକୁ ଗଢ଼ିତୋଳିବାରେ ସହାୟକ ହୁଅନ୍ତୁ।

'ଆମ ସ୍ୱାଭିମାନ'-ଆମ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର 'ଦିଗପହଣ୍ଡି'

ସ୍ୱା/- ଡାଃ ଅଶୋକ କୁମାର କର୍ଣ୍ଣ (ଓ.ଏ.ଏସ୍)
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି

ସ୍ୱା/- ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଣ୍ଡା (ଅଧ୍ୟକ୍ଷ)
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି

# ଜମି ହଡ଼ପ ମାମଲାରେ ୬ ବର୍ଷ ତଳେ କୋର୍ଟରେ ମୃତ ଘୋଷିତ ବୃଦ୍ଧା ଶେଷରେ ଆଖିବୁଜିଲେ

**ନୀଳଗିରି, ନ୍ୟୁଜ୍‌ବ୍ୟୁରୋ**

ଛ' ବର୍ଷ ତଳେ ଜୀବିତ ବୃଦ୍ଧାଙ୍କୁ ମୃତ ଦର୍ଶାଯାଇଥିଲା। ତାହା ପୁଣି ବାଲେଶ୍ୱର ଜିଲ୍ଲା ଦୌରା ଜଜ୍‌ଙ୍କ କୋର୍ଟର କାଗଜପତ୍ରରେ। ଥରେ ନଥିପତ୍ରରେ ମରିସାରିଥିବା ବୃଦ୍ଧାଙ୍କ ରବିବାର ସତସତିକା ଦେହାନ୍ତ ହୋଇଛି। ମହିଳାଙ୍କ ଜମି ହଡ଼ପ ପାଇଁ ଏଭଳି ଷଡ଼ଯନ୍ତ୍ର କରାଯାଇଥିବା ଚର୍ଚ୍ଚା ଜୋର୍ ଧରିଛି। ମହିଳାଙ୍କ ମୃତ୍ୟୁ ପରେ ତାଙ୍କୁ ନ୍ୟାୟ ମିଳିବ ନା ଫାଇଲ୍ ତଳେ ଚାପି ରହିଯିବ; ଏହା ଉପରେ ସମସ୍ତଙ୍କ ନଜର ରହିଛି। ରୁକ୍ମିଣୀ ଶତ୍‌ପଥୀ (୮୭)ଙ୍କ ନିଜର ବୋଲି କେହି ନାହାନ୍ତି। ପୋଷ୍ୟ ପୁତ୍ର ପାଖରେ ସେ ରହୁଥିଲେ। ତାଙ୍କର ନୀଳଗିରି ବାଇପାସ୍ ରୋଡ୍‌ଠାରେ କୋଟି କୋଟି ଟଙ୍କାର ସମ୍ପତ୍ତି ରହିଛି। ଏହି ସମ୍ପତ୍ତିକୁ ହଡ଼ପ ପାଇଁ ଚକ୍ରାନ୍ତ ଚାଲିଥିଲା। ଏଥିଲାଗି କୌଶଳକ୍ରମେ ୨୦୧୯ରେ କୋର୍ଟରେ ତାଙ୍କୁ ମୃତ ଦର୍ଶାଯାଇଥିଲା। ଏହା ଜାଣିବା ପରେ ରୁକ୍ମିଣୀ ଆଇନର ଆଶ୍ରୟ ନେଇଥିଲେ, ଯାହା ଏବେ ବିଚାରାଧୀନ ରହିଛି। ଉଲ୍ଲେଖଯୋଗ୍ୟ, ନୀଳଗିରି ଠାକୁର ମାହାଲର ତତ୍କାଳୀନ ମାହାଲଦାର ଗୋପୀନାଥ ଶତପଥୀ ଦୁଇଟି ବିବାହ କରିଥିଲେ। ପ୍ରଥମ ସ୍ତ୍ରୀ ନିଶାମଣି ଏବଂ ଦ୍ୱିତୀୟ ସ୍ତ୍ରୀ ରୁକ୍ମିଣୀ। ରୁକ୍ମିଣୀ ଦାଶରଥପୁର ଗ୍ରାମର ପୋଷ୍ୟ ପୁତ୍ର ବିଶ୍ୱନାଥ ଶତପଥୀଙ୍କ ନିକଟରେ ରହିଆସୁଥିଲେ। ଏହାର ସୁଯୋଗରେ ନିଶାମଣିଙ୍କ ନାତିନାତୁଣୀମାନେ ରୁକ୍ମିଣୀଙ୍କୁ ମୃତ ଦର୍ଶାଇ ଜମି ହସ୍ତାନ୍ତର କରିଥିଲେ। ଏହାକୁ ନେଇ ରୁକ୍ମିଣୀ ନୀଳଗିରିସ୍ଥିତ ଦୌରାଜଜ୍‌ଙ୍କ ନିକଟରେ ଗୁହାରି କରିଥିଲେ। ଏହା ବିଚାରାଧୀନ ଥିବାବେଳେ ତାଙ୍କର ପରଲୋକ ହୋଇଛି। ଶନିବାର ରୁକ୍ମିଣୀ ଅସୁସ୍ଥ ହେବାରୁ ନୀଳଗିରି ଡାକ୍ତରଖାନା ଯାଇଥିଲେ। ପରେ ବାଲେଶ୍ୱରସ୍ଥିତ ଫକୀରମୋହନ ମେଡିକାଲ୍ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ପରଲୋକ ହୋଇଛି। ଦାଶରଥପୁରସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନିଜକୁ ଜୀବିତ ବୋଲି ଦର୍ଶାଇବାକୁ ରୁକ୍ମିଣୀ ୬ବର୍ଷ ହେଲା ସଂଘର୍ଷ କରି ଶେଷରେ ଆଖି ବୁଜିଛନ୍ତି। ତାଙ୍କ ମୃତ୍ୟୁ ପରେ ଜମି ହଡ଼ପ ଷଡ଼ଯନ୍ତ୍ର ଚାପି ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି।

# ଜମି ନଦେବାରୁ ଜୀବିତ ବାପାର ଶୁଦ୍ଧିକ୍ରିୟା କରି ବନ୍ଧା ହେଲା ପୁଅ

**ବାଲିପାଟଣା ନ୍ୟୁଜ୍‌ବ୍ୟୁରୋ**



ଜମିରେ ଦଖଲ ସୁଯୋଗ ନଦେବାରୁ ବାପା ବଞ୍ଚି ଥାଉ ଥାଉ ପୁଅ ତାଙ୍କ ଲାଗି ଶୁଦ୍ଧି ହୋଇଛନ୍ତି। ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅର୍ନ୍ତଗତ ଶ୍ରୀରାମପୁର (ପଦନପଦା) ଗ୍ରାମରେ। ଉକ୍ତ ଗ୍ରାମର ବିନୋଦ ବେହେରା (୬୬) ପୁଅ କବିସୂର୍ଯ୍ୟ ବେହେରାକୁ କୌଣସି ଜମି ବିକ୍ରି କରିବା ପାଇଁ ସୁଯୋଗ ନ ଦେବାରୁ, ବାପ ମରିଗଲା ବୋଲି ମା'କୁ ଅପହରଣ, ବାପାଙ୍କୁ ମୃତ ଦର୍ଶାଇ ବାପର ଶୁଦ୍ଧି କ୍ରିୟା ଅଭିଯୋଗରେ ପୁଅକୁ ପୁଲିସ ବାନ୍ଧିଲା।

ଏହି କାରଣରୁ ବାପାକୁ ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ କବିସୂର୍ଯ୍ୟ । ବିନୋଦ ବେହେରା ଏନେଇ ବାଲିପାଟଣା ଥାନାରେ ଅଭିଯୋଗ କରିବାରେ ପୁଲିସ ରବିବାର କବିସୂର୍ଯ୍ୟକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ପାଞ୍ଚ ଦିନ ପୂର୍ବରୁ ବିନୋଦ ଓ ତାଙ୍କ ପତ୍ନୀ ବାସନ୍ତୀ ବାଲିପାଟଣା ତହସିଲ୍ କାର୍ଯ୍ୟାଳୟକୁ ଆସୁଥିବା ବେଳେ କବିସୂର୍ଯ୍ୟ ଓ ତାଙ୍କର କିଛି ସହଯୋଗୀ ମିଳିତ ଭାବେ ବାପା ବିନୋଦଙ୍କୁ ମାଡ଼ ମାରିଥିଲେ। ମା' ବାସନ୍ତୀଙ୍କୁ ସେମାନେ ଏକ କାର୍ ଯୋଗେ କେଉଁଆଡ଼େ ନେଇଯାଇଥିଲେ। ବାଲିପାଟଣା ଥାନାର ଆଶ୍ରୟ ନେବା ପାଇଁ କହିବାରୁ ଛାଡ଼ି ଦେଇଥିଲେ। ଭୟ ଦେଖାଇ ଜମିବାଡ଼ି କାଗଜପତ୍ର ନିଜ ନାମରେ କରିବାର ଚେଷ୍ଟା ବିଫଳ ହେବା ପରେ ପୁଅ କବିସୂର୍ଯ୍ୟ ବାପାଙ୍କ ପାଇଁ ଶୁଦ୍ଧି ହୋଇଥିଲା । ଅସଭ୍ୟ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିଥିଲା ପୁଅ। ରବିବାର ବିନୋଦ ବାଲିପାଟଣା ଥାନାରେ ଅଭିଯୋଗ କରିବା ପରେ, ପୁଲିସ କବିସୂର୍ଯ୍ୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଲୁଣା ନଦୀକୁ ଡେଇଁ ଅଧ୍ୟାପକଙ୍କ ଆତ୍ମହତ୍ୟା

**ମାର୍ଶାଘାଇ, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଲୁଣା- କରାଣ୍ଡିଆ ପୋଲ ଉପରୁ ରବିବାର ଲୁଣା ନଦୀକୁ ଡେଇଁ ପଡ଼ିଛନ୍ତି। ନିଖୋଜ ଅଧ୍ୟାପକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅଧୀନ ଆଇତିପୁର ପଞ୍ଚାୟତ ଅମୃତମଣି ପାଟଣା ଗ୍ରାମର ବ୍ରହ୍ମାନନ୍ଦ ନାୟକଙ୍କ ପୁଅ ଚିନ୍ମୟ ନାୟକ (୩୮)। ଚିନ୍ମୟ ରବିବାର ଅପରାହ୍ନରେ ସେତୁ ଉପରେ ସାଇକେଲ ଓ ଚପଲ ରଖି ନଦୀକୁ ଡେଇଁ ପଡ଼ିଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଓଡ୍ରାଫ୍ ଟିମ୍ ଏବଂ କୋରୁଆ ଅଗ୍ନିଶମ ବାହିନୀ ସହାୟତାରେ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଉଦ୍ଧାର ଉଦ୍ୟମ ଚାଲିଥିବା ବେଳେ ଅନ୍ଧାର ହୋଇଯିବାରୁ ଅଭିଯାନକୁ ବନ୍ଦ କରି ଦିଆଯାଇଛି। ଚିନ୍ମୟଙ୍କ ପତ୍ତା ମିଳିପାରି ନାହିଁ। ଚିନ୍ମୟ ଅଳ୍ପ ଦିନ ତଳେ ବିବାହ କରିଥିଲେ। ଏହି ସେତୁକୁ ବିଭିନ୍ନ ସମୟରେ ବହୁ ଯୁବକ ଯୁବତୀ ଆତ୍ମହତ୍ୟା ପାଇଁ ଉପଯୁକ୍ତ ସ୍ଥାନ ବା ସୁଇସାଇଡ୍ ପଏଣ୍ଟ ଭାବରେ ଦେଖିବା ଅଞ୍ଚଳରେ ଉଦ୍‌ବେଗର କାରଣ ହୋଇଛି।



# ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସୁନିଆ ଉତ୍ସବ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉତ୍କଳୀୟ ପରମ୍ପରାରେ ଶ୍ରୀଜଗନ୍ନାଥ ହେଉଛନ୍ତି ପରମ ଆରାଧ୍ୟ ଓ ଶୂନ୍ୟବାଦର ପ୍ରତୀକ । ସେହିଭଳି ବୌଦ୍ଧ ଧର୍ମରେ ଶୂନ୍ୟବାଦକୁ ମଧ୍ୟ ଅଗ୍ରାଧିକାର ଦିଆଯାଏ । ଓଡ଼ିଶାରେ ପାଳିତ ହେଉଥିବା ସୁନିଆ ପର୍ବ ହେଉଛି ସେହି ଶୂନ୍ୟବାର ଏକ ପ୍ରତୀକ ମାତ୍ର । ଗଜପତି ସମ୍ରାଟ କଳିଙ୍ଗେନ୍ଦ୍ରଦେବ ସମସ୍ତ ଦାକ୍ଷିଣାତ୍ୟ ଜୟ କରି ଯେତେବେଳେ ଫେରିଥିଲେ ସେତେବେଳର କଳିଙ୍ଗକୁ ମଧ୍ୟ ନିଜ ବିଜିତ ରାଜ୍ୟରେ ମିଶାଇ ଦେଇଥିଲେ ଓ ବିଜିତ ରାଜ୍ୟର ନାମ ନକରାଯାଇ ତାହା ସ୍ୱତନ୍ତ୍ର ଭାବରେ ଉତ୍କଳ ରୂପେ ପରିଚିତ କରାଇଥିଲେ । ସେତିକିବେଳେ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ଗଙ୍ଗ ଅଧିକୃତ ଗଙ୍ଗରାଜ୍ୟ କଳିଙ୍ଗର ଅବସାନ ହେଲା । ସେହିଦିନଠାରୁ ସ୍ୱତନ୍ତ୍ର ଭାବରେ ଉତ୍କଳ ଏକ ସର୍ବଭୌମ ସ୍ୱାଧିନ ରାଷ୍ଟ୍ର ଭାବେ ଘୋଷିତ ହେବାର ଇତିହାସ ରହିଛି । ଗଜପତି କପିଳେନ୍ଦ୍ର ଦେବ ନିଜେ ରାଷ୍ଟ୍ର ନାୟକ ହେଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କର ରାଉତ ଭାବେ ନିଜକୁ ପରିଚିତ କରାଉଥିଲେ ଓ ତାଙ୍କ ଅଭିଷେକ ଦିନ ଠାରୁ ତାହା ସୁନିଆ ନାମରେ ପ୍ରଚଳିତ ହୋଇଆସୁଛି । ତେଣୁ ସେହିଦିନଠାରୁ ସୁନିଆ ହେଉଛି ଓଡ଼ିଆ ମାନଙ୍କର ଏକ ସାଂସ୍କୃତିକ ପର୍ବ ଏବଂ ଏହି ଦିନ ପ୍ରତ୍ୟେକ ଓଡ଼ିଆ ପରିବାରରେ ସେହି ସ୍ମୃତିକୁ ମନେପକାଇ ଧୁମ୍‌ଧାମ୍‌ରେ ଏପରି ଉତ୍ସବ ପାଳନ କରାଯାଇଥାଏ । ସେହିଦିନ ଆବାଳ ବୃଦ୍ଧ ବନିତା ପ୍ରତ୍ୟେକ ନୂତନ ବସ୍ତ୍ର ପିନ୍ଧିଥାଆନ୍ତି । ରାଜକାର୍ଯ୍ୟରେ ବ୍ୟବହୃତ ପୋଥି ଏବଂ ଲେଖନୀ ଘରେ ଘରେ ପୂଜା ପାଇଥାଏ । ଏହିଦିନଠାରୁ ସେହିକାଳରୁ ଆର୍ଥିକ ବର୍ଷର ଆରମ୍ଭ ହୋଇଥାଏ । କୃଷି କର୍ମ ସହିତ ଜଡ଼ିତ ଥିବାରୁ ବର୍ଷର ନୂତନ ଶସ୍ୟ ଅମଳ କରାଯାଇ ସେଥିରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନମାନ ପ୍ରସ୍ତୁତ ହୋଇ ମହାପ୍ରଭୁଙ୍କ ନିକଟରେ ପୂଜା ହୁଏ ଓ ପରିବାରର ସମସ୍ତେ ତାହାକୁ ଆଗ୍ରହର ସହିତ ଖାଇଥାଆନ୍ତି । ଗଜପତିଙ୍କର ପରମ୍ପରା ଏପରି କ୍ରମଶଃ ଉତ୍ସବରେ ପାଳିତ ହୋଇଆସୁଛି ଚଳନ୍ତି ବିଷ୍ଣୁ ଗଜପତିଙ୍କୁ ବ୍ରାହ୍ମଣ ମାନେ ସେହିଦିନ ନୂତନ ବସ୍ତ୍ର, ଗୁଆ ଓ ପଇତା ଦେଇ ଆଶୀର୍ବାଦ କରିଥାଆନ୍ତି ଓ ରାଜତ୍ୱ ଅଙ୍କ ପ୍ରଚଳିତ ହୁଏ । ହୁଏତ ବର୍ତ୍ତମାନ ଏହି ପରମ୍ପରାର କିଛି ଅଂଶ ପୁରୀ ଗଜପତିଙ୍କ ରାଜଭବନରେ ରହିଛି । ଅତୀତର ଏହି ପବିତ୍ର ସ୍ମରଣୀୟ ଦିବସକୁ ମନେରଖିବା ନିମନ୍ତେ ସୁନିଆ ଉତ୍ସବ ଓଡ଼ିଶାର ପ୍ରତି ଘରେ ଘରେ ପାଳିତ ହୋଇଆସୁଛି । ବର୍ତ୍ତମାନ ତାହା କ୍ରମଶଃ ଲିଭି ଆସିଲାଣି । ଏହି ଉତ୍ସବକୁ ଓଡ଼ିଆମାନଙ୍କୁ ମନେ ପକେଇ ଦେବା ପାଇଁ ଭୁବନେଶ୍ୱରସ୍ଥିତ ଜୟଦେବ ପାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସହିଦନଗରସ୍ଥିତ ଜୟଦେବ କମ୍ପ୍ଲେକ୍ସରେ ଏପରି ସୁନିଆ ଉତ୍ସବ ପାଳନ କରାଯାଇଥିଲା । ବହୁ ପ୍ରବୀଣ ପଣ୍ଡିତମାନେ ଏଥିରେ ଯୋଗଦେଇ ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ । ଏଥିରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ ବେଦବିତ୍ ପଣ୍ଡିତ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ମୁଖ୍ୟ ଅତୀଥି ଭାବେ ଯୋଗଦେଇଥିଲେ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଜୟଦେବ ପାଉଣ୍ଡେସନ୍ ଟ୍ରଷ୍ଟର ସଭାପତି ଡଃ. ଅଜିତ୍ କୁମାର ତ୍ରିପାଠୀ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ଡଃ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ପ୍ରଥମେ ସମ୍ୟକ୍ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ଡଃ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ୍, ପୂର୍ବତନ ଅର୍ଥ ମନ୍ତ୍ରୀ ଶ୍ରୀ ପଞ୍ଚାନନ କାନୁନ୍‌ଗୋ, ଡଃ. ପ୍ରଫୁଲ୍ଲ କୁମାର ମିଶ୍ର, କାଉନସିଲର ଶ୍ରୀମତୀ ପ୍ରିତିନନ୍ଦା ରାଉତରାୟ, ଅଧ୍ୟାପକ ଡଃ. ସୁବାସ ଚନ୍ଦ୍ର ଦାଶ ପ୍ରମୁଖ ଏଥିରେ ଯୋଗଦେଇ ନିଜ ନିଜର ମନ୍ତବ୍ୟ ରଖିଥିଲେ । ବିଶିଷ୍ଟ ସାମ୍ବାଦିକ ଶ୍ରୀ ପ୍ରଦ୍ୟୁମ୍ନ ଶତପଥି ସୁନିଆର ଗୁରୁତ୍ୱ ସମ୍ପର୍କରେ ସାମ୍ୟକ୍ ସୂଚନା ଦେବା ପରେ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀମତୀ ଗୀତାମଞ୍ଜରୀ ଓ ତାଙ୍କ ଦଳ ପ୍ରଥମେ ଶ୍ରୀଜୟଦେବଙ୍କ ଶ୍ରୀଗୀତଗୋବିନ୍ଦ ଗାନ କରିଥିଲେ । ଏହି ସଭାରେ ଭୁବନେଶ୍ୱରର ବହୁ ବିଶିଷ୍ଟ ବୁଦ୍ଧିଜୀବିମାନେ ଯୋଗଦେବାର ଦେଖାଯାଇଥିଲା । ଅତୀତର ସ୍ମୃତିକୁ ମନେପକାଇ ଏହିଭଳି ସଭାମାନ ପ୍ରତ୍ୟେକ ମାସରେ ଅନୁଷ୍ଠିତ ହେବା ଉଚିତ୍ ହେବ ବୋଲି ଅତିଥିମାନେ ମତ ରଖିଥିଲେ ।

# ଧଉଳି ଓ ଧବଳେଶ୍ୱର ମନ୍ଦିର ପରିଦର୍ଶନ କଲେ ରାଜ୍ୟପାଳ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟପାଳ ରଘୁବର ଦାସ ସୋମବାର ଧଉଳି ଶାନ୍ତିସ୍ତୁପ ଓ ଧବଳେଶ୍ୱର ମନ୍ଦିର ପରିଦର୍ଶନ କରିଛନ୍ତି । ଏନେଇ ରାଜ୍ୟପାଳ ଏକ୍ସ ହ୍ୟାଣ୍ଡେଲରେ ଫଟୋ ସେୟାର କରିବା ସହ କହିଛନ୍ତି ଯେ, ଶାନ୍ତିର ସଂପର୍କ ଅନୁଭୂତି ସହିତ ରହିଥାଏ ଏବଂ ଏହା ଭିତରୁ ଆସିଥାଏ । ଏହାକୁ ବାହାରେ ଖୋଜାଯାଇପାରେନା । ଭଗବାନ ବୁଦ୍ଧଙ୍କ ଏହି ବାର୍ତ୍ତା ଆଜି ବି ଅନେକ ମୂଲ୍ୟ ରଖିଥାଏ । ଏହି ଶାନ୍ତି କେବଳ ସେତେବେଳେ ମିଳିଥାଏ ଯେତେବେଳେ ଆମେ ଭିତରର ସଂଘର୍ଷରୁ ମୁକ୍ତ ହୋଇଥାଉ । ଶାନ୍ତିର ଅର୍ଥ କରୁଣା, ସଦ୍ଭାବନା ଓ ପ୍ରେମର ସମର୍ପଣ ଅଟେ । ଯଦି ଦୁଃଖକୁ ପ୍ରାକୃତିକ ସୌନ୍ଦର୍ଯ୍ୟ ନିକଟକୁ ନିଆଯାଏ ତେବେ ଏହି ଅନୁଭୂତି ହାସଲ କରାଯାଇପାରେ । ସୋମବାର ଧଉଳିଗିରି ସ୍ଥିତ ଧଉଳି ଶାନ୍ତି ସ୍ତୁପ ଓ ଧବଳେଶ୍ୱର ମନ୍ଦିରରେ ପହଞ୍ଚିଥିଲେ । ଏଠାରେ ପୂଜାର୍ଚ୍ଚନା କରି ରାଜ୍ୟବାସୀଙ୍କ ସୁଖ ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି । ସେହିପରି ଏନେଇ ରାଜ୍ୟପାଳ ଏକ୍ସ ହ୍ୟାଣ୍ଡେଲରେ ଫଟୋ ସେୟାର କରିବା ସହ କହିଛନ୍ତି ଯେ, ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ଥିବା ଉଦୟଗିରି ଓ ଖଣ୍ଡଗିରିର ପାହାଡରେ ସୌନ୍ଦର୍ଯ୍ୟ ଭରିରହିଛି । ପୁରାତତ୍ୱିକ, ଐତିହାସିକ ଏବଂ ଧାର୍ମିକ ଦୃଷ୍ଟିକୋଣରୁ ଏଠାକାର ଗୁମ୍ଫା ବେଶ ଗୁରୁତ୍ୱପୂର୍ଣ୍ଣ ଅଟେ । ଆଜି ମୁଁ ଏଠାରେ କିଛି ସମୟ ଅତିବାହିତ କରିଛି । ଜୈନ ଧର୍ମ ସହିତ ଜଡିତ ଇତିହାସ ଜାଣିଲି । ଆଧ୍ୟାତ୍ମିକ ଓ ପ୍ରାକୃତିକ ମାହୋଲ ମଧ୍ୟରେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସହ କଥା ହେଲି । ଏଠାକୁ ଆସି ମୋତେ ବହୁତ ଭଲ ଲାଗିଲା । ପ୍ରକୃତିର ସୌନ୍ଦର୍ଯ୍ୟ ସହ ଆପଣ ବି ଯୋଡି ହୁଅନ୍ତୁ ବୋଲି ରାଜ୍ୟପାଳ ଶ୍ରୀ ଦାସ କହିଛନ୍ତି ।

# କଟକ ଯୋବ୍ରା ଆନିକଟ ବ୍ରିଜ ଉପରେ ସିରିଜ ଦୁର୍ଘଟଣା : ୪ ଗୁରୁତର ଏସସିବି ସ୍ଥାନାନ୍ତର





**କଟକ, ନ୍ୟୁଜ ବ୍ୟୁରୋ**

କଟକ ଯୋବ୍ରା ଆନିକଟ ବ୍ରିଜ ଉପରେ ସିରିଜ ଦୁର୍ଘଟଣା । ପିକ୍‌ଅପ୍ ଭ୍ୟାନକୁ ପିଟିବା ସହ ଅଟୋକୁ ଧକ୍କା ଦେଲା ସ୍କର୍ପିଓ । ଦୁର୍ଘଟଣା ପରେ ବ୍ରିଜ ବାଡ଼ ଭାଙ୍ଗି ଅଧାରେ ଅଟକି ରହିଲା ସ୍କର୍ପିଓ । ଦୁର୍ଘଟଣାରେ ୪ ଜଣ ଗୁରୁତରଙ୍କୁ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି । ଏଥିରେ ପିକ୍‌ଅପ୍ ଏବଂ ଗୋଟିଏ ଅଟୋ କ୍ଷତିଗ୍ରସ୍ତ ହୋଇଛି । ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି । ଦୁର୍ଘଟଣା ଘଟାଇଥିବା ସ୍କର୍ପିଓର ଆଗ ଏବଂ ପଛରେ ଭିନ୍ନ ଭିନ୍ନ ନମ୍ବର ରହିଛି । ସୂଚନା ଅନୁଯାୟୀ, ଜୋବ୍ରା ବ୍ୟାରେଜ ନିକଟରେ ପୋଲିସ ଗାଡି ଯାଞ୍ଚ କରୁଥିଲା । ଏହି ସମୟରେ ସ୍କର୍ପିଓ ଗାଡ଼ିକୁ ଅଟକାଇବା ପାଇଁ ପୋଲିସ ହାତ ମାରିବା କ୍ଷଣି ହଠାତ ଦ୍ରୁତ ଗତିରେ ଗାଡିଟି ପୋଲିସ ଆଡ଼କୁ ମାଡି ଆସିଥିଲା । ପୋଲିସ ହଟିଯିବାରୁ ସ୍କର୍ପିଓ ଗାଡି ଖସିଯିବାକୁ ଚେଷ୍ଟା କରିବା ବେଳେ ପିକ୍‌ଅପ୍ ପିଟିବା ସହ ଓଟୋକୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ସ୍କର୍ପିଓ ଚଲାଉଥିବା ଯୁବକ, ସ୍କର୍ପିଓରେ ଥିବା ଜଣେ ଯୁବତୀଙ୍କ ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣା ଘଟାଇଥିବା ସ୍କର୍ପିଓରୁ ବିପୁଳ ମଦ ଜବତ କରିଛି ପୋଲିସ ।

# କୋଇଲା ରୟାଲିଟି ସଂଶୋଧନ ନ ହେବାରୁ ଓଡ଼ିଶା ହରାଉଛି ବାର୍ଷିକ ୧୦ ହଜାର କୋଟି : ବିଜେଡି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ କୋଇଲା ରୟାଲିଟି ସଂଶୋଧନ କରିବାକୁ ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ତାଙ୍କୁ ପ୍ରସ୍ତାବ ଦିଅନ୍ତୁ ବୋଲି ଆଜି ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଦଳର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡଃ ସସ୍ମିତ ପାତ୍ର । ୨୦୧୨ ମସିହା ଠାରୁ ଅଦ୍ୟାବଧି କୋଇଲା ରୟାଲିଟି ସଂଶୋଧନ ହୋଇନାହିଁ ଏବଂ ଏ ସଂକ୍ରାନ୍ତରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କେନ୍ଦ୍ରର ବିଜେପି ସରକାର କର୍ଣ୍ଣପାତ କରିନଥିଲେ । କୋଇଲା ରୟାଲିଟି ସଂଶୋଧନ ନ ହେବା ଫଳରେ ଓଡ଼ିଶା ବାର୍ଷିକ ୧୦ ହଜାର କୋଟି ଟଙ୍କାର ରାଜସ୍ୱ ହରାଉଛି । ଏନେଇ ବିଜୁ ଜନତା ଦଳର ସାଂସଦମାନେ ବାରମ୍ବାର ସଂସଦରେ ପ୍ରଶ୍ନ ଉଠାଇଥିଲେ ମଧ୍ୟ କେନ୍ଦ୍ର ସରକାର ଚୁପ୍ ବସିଛନ୍ତି । ଆସନ୍ତାକାଲି ଯେତେବେଳେ ମାନ୍ୟବର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାବାସୀ ଗୋଟିଏ ମଞ୍ଚରେ ଦେଖିବେ, ସେତେବେଳେ ମୁଖ୍ୟମନ୍ତ୍ରୀ ସାହସ ଜୁଟାଇ ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କୋଇଲା ରୟାଲିଟି ସଂଶୋଧନ ପ୍ରସ୍ତାବ ପ୍ରଧାନମନ୍ତ୍ରୀଙ୍କୁ ଦିଅନ୍ତୁ । ଡବଲ ଇଞ୍ଜିନ ସରକାର ଆସିଲେ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହେବ ବୋଲି ନିର୍ବାଚନ ସମୟରେ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି ଡଃ ପାତ୍ର କହିଥିଲେ । ଡଃ ପାତ୍ର ଆହୁରି କହିଥିଲେ ଯେ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ନେଇ ଗତ ମାସରେ କେନ୍ଦ୍ର ଆଇନ ମନ୍ତ୍ରୀ ସଂସଦରେ କହିଥିଲେ, ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ଏ ସଂକ୍ରାନ୍ତୀୟ ପ୍ରସ୍ତାବ କେନ୍ଦ୍ରର ହସ୍ତଗତ ହୋଇନାହିଁ । ତଦନୁଯାୟୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଦେବା ପାଇଁ ଆମେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲୁ । ରାଜ୍ୟରେ ବିଜେପି ସରକାର ଗଠନ ହେବାର ତିନି ମାସ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ବର୍ତ୍ତମାନ ସୁଦ୍ଧା କେନ୍ଦ୍ରକୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସ୍ତାବ ଦେଇପାରିଲେ ନାହିଁ । ଯେହେତୁ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଓଡ଼ିଶା ଆସୁଛନ୍ତି, ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସ୍ତାବ ପ୍ରଧାନମନ୍ତ୍ରୀଙ୍କ ସାମ୍ନାରେ ଉତଥାପନ କରିବାର ସାହସିକତା ପ୍ରଦର୍ଶନ କରନ୍ତୁ ମୁଖ୍ୟମନ୍ତ୍ରୀ । ନଚେତ୍ ଏ ସରକାର ଡବଲ ଇଞ୍ଜିନ ସରକାର ନୁହେଁ, ଡବଲ ଫମ୍ପା ଡବାର ସରକାର ଭାବେ ପରିଗଣିତ ହେବ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସ୍ୱାର୍ଥ ପାଇଁ ସାହସିକତା ଦେଖାଇବା ପରିବର୍ତ୍ତେ କେବଳ ନିଜ ଦଳର ନେତୃବୃନ୍ଦଙ୍କୁ ଖୁସି କରିବା ପାଇଁ କାର୍ଯ୍ୟ କରଛନ୍ତି ବୋଲି ଡଃ ପାତ୍ର କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡଃ ଲେନିନ୍ ମହାନ୍ତି ଓ ତୁମ୍ବନାଥ ପଣ୍ଡା ଉପସ୍ଥିତ ଥିଲେ ।



ଭୁବନେଶ୍ୱର : ସମାଜ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ସାମ୍ବାଦିକ ସଂଗଠନ ପକ୍ଷରୁ ପ୍ରଦୀପ କୁମାର ଦେହୁରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟ ଅତିଥି ତଥା ବିଜେପି ନେତା ସଜ୍ଜନ ଶର୍ମା । (ଫଟୋ : ସମ୍ବାଦ କଳିକା)

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ଆସୁଛନ୍ତି ...

ଦିନ ୧ଟା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଏଠାରେ ରହିବେ । ଏଠାରୁ କାର୍ଯ୍ୟକ୍ରମ ସାରି ଦିନ ୧ଟା ୨୦ରେ ବିମାନବନ୍ଦରକୁ ଫେରି ସେଠାରୁ ସିଧା ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ଫ୍ଲାଗସିପ୍ ଯୋଜନା 'ସୁଭଦ୍ରା'ର ଶୁଭାରମ୍ଭ କରିବେ । ଏହା ସର୍ବବୃହତ୍, ଏକକ ମହିଳା କୈନ୍ଦ୍ରିକ ଯୋଜନା ଏବଂ ଏଥିରେ ୧ କୋଟିରୁ ଅଧିକ ମହିଳା ସାମିଲ ହେବେ ବୋଲି ଆଶା କରାଯାଉଛି । ଏହି ଯୋଜନା ଅଧୀନରେ ୨୧-୬୦ ବର୍ଷ ବୟସର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୨୦୨୪-୨୫ରୁ ୨୦୨୮-୨୯ ମଧ୍ୟରେ (୫ ବର୍ଷ ମଧ୍ୟରେ) ୫୦,୦୦୦/- ଟଙ୍କା ମିଳିବ । ଦୁଇଟି ସମାନ କିସ୍ତିରେ ବାର୍ଷିକ ୧୦,୦୦୦/- ଟଙ୍କା ହିତାଧିକାରୀଙ୍କ ଆଧାର ସକ୍ଷମ ଏବଂ ଡିବିଟି ସକ୍ଷମ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଜମା କରାଯିବ । ଏହି ଐତିହାସିକ ମୂହୂର୍ତ୍ତ ଅବସରରେ ପ୍ରଧାନମନ୍ତ୍ରୀ ୧୦ ଲକ୍ଷରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପାଣ୍ଠି ହସ୍ତାନ୍ତରର ଶୁଭାରମ୍ଭ କରିବେ । ଏହା ସହିତ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ୨୮୦୦ କୋଟିରୁ ଅଧିକ ଟଙ୍କାର ରେଳ ପ୍ରକଳ୍ପର ଶିଳାନ୍ୟାସ ଓ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏହି ରେଳ ପ୍ରକଳ୍ପଗୁଡ଼ିକ ଓଡ଼ିଶାରେ ରେଳ ଭିତ୍ତିଭୂମି ବୃଦ୍ଧି କରିବା ସହ ଏହି ଅଂଚଳର ଅଭିବୃଦ୍ଧି ଓ ଯୋଗାଯୋଗରେ ଉନ୍ନତି ଆଣିବ । ପ୍ରଧାନମନ୍ତ୍ରୀ ମଧ୍ୟ ୧୦୦୦ କୋଟିରୁ ଅଧିକ ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପର ଶିଳାନ୍ୟାସ କରିବେ । ପ୍ରଧାନମନ୍ତ୍ରୀ ପାଖାପାଖି ୧୪ଟି ରାଜ୍ୟର ପିଏମଏୱାଇ-ଜି ଅଧୀନରେ ପ୍ରାୟ ୧୦ ଲକ୍ଷ ହିତାଧିକାରୀଙ୍କୁ ସହାୟତାର ପ୍ରଥମ କିସ୍ତି ପ୍ରଦାନ କରିବେ । ଏହି କାର୍ଯ୍ୟକ୍ରମ ଅବସରରେ ସାରା ଦେଶର ପିଏମଏୱାଇ (ଗ୍ରାମୀଣ ଏବଂ ସହରାଞ୍ଚଳ)ର ୨୬ ଲକ୍ଷ ହିତାଧିକାରୀଙ୍କ ପାଇଁ ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ପିଏମଏୱାଇ (ଗ୍ରାମୀଣ ଏବଂ ସହରାଞ୍ଚଳ) ହିତାଧିକାରୀଙ୍କୁ ସେମାନଙ୍କ ଘରର ଚାବି ହସ୍ତାନ୍ତର କରିବେ । ପିଏମଏୱାଇ-ଜି ପାଇଁ ଅତିରିକ୍ତ ପରିବାରର ସର୍ଭେ ପାଇଁ ସେ ଆବାସ + ୨୦୨୪ ଆପ୍ ମଧ୍ୟ ଉନ୍ମୋଚନ କରିବେ । ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ସହରାଞ୍ଚଳ (ପିଏମଏୱାଇ-ୟୁ) ୨.୦ର କାର୍ଯ୍ୟକାରୀ ମାର୍ଗଦର୍ଶିକାର ଶୁଭାରମ୍ଭ କରିବେ ।

## ମାର୍ଚ୍ଚ ୮ ପର୍ଯ୍ୟନ୍ତ...

ବ୍ୟାଙ୍କ ଆକାଉଣ୍ଟକୁ ଯୋଜନାର ପ୍ରଥମ କିସ୍ତି ଭାବେ ୫ହଜାର ଟଙ୍କା ଯିବ । ଅନ୍ୟ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ପର୍ଯ୍ୟାୟକ୍ରମେ ପ୍ରଥମ କିସ୍ତିର ଟଙ୍କା ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ଆସନ୍ତାବର୍ଷ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ସୁଭଦ୍ରା ଯୋଜନା ପାଇଁ ପଞ୍ଜିକରଣ ପ୍ରକ୍ରିୟା ଚାଲିବ । ଯୋଗ୍ୟ ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟ ସଚଳ ଅଛି କି ନାହିଁ ତାହା ପରୀକ୍ଷା କରିବା ସହ ସ୍ୱଚ୍ଛତା ଅନୁଧ୍ୟାନ ନିମନ୍ତେ ସେମାନଙ୍କ ଆକାଉଣ୍ଟକୁ ଟଙ୍କାଟିଏ ଲେଖାଏଁ ପଠାଯାଇଛି । ଯାହାଙ୍କ ଆକାଉଣ୍ଟକୁ ଟଙ୍କାଟିଏ ଯାଇନି ସେ ଯେ ସୁଭଦ୍ରା ଟଙ୍କା ପାଇବେ ନାହିଁ ସେଭଳି ଦ୍ୱନ୍ଦ୍ୱରେ କେହି ନରହିବା ଉଚିତ । ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ଏହି ଟଙ୍କା ଯିବ । କାହାରି ପ୍ରଲୋଭନ କିମ୍ବା ଗୁଜବରେ ବିଶ୍ୱାସ ନକରିବାକୁ ଶ୍ରୀମତୀ ପରିଡ଼ା ସାଧାରଣ ଲୋକଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜାରି ସୂଚନାରେ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ । ଯୋଗ୍ୟ ହିତାଧିକାରୀଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରାଯିବ । ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ସଚଳ ଅଛି କି ନାହିଁ ତାହା ଯାଞ୍ଚ କରିବାକୁ ଏବେ ଏକ ଟଙ୍କା ଲେଖାଏଁ ପଠାଯାଇଛି । ଏହି ଟଙ୍କା ପଠାଯିବା ପରେ ହିତାଧିକାରୀଙ୍କୁ ଏସଏମଏସ ମାଧ୍ୟମରେ ଅବଗତ କରାଯାଉଛି । ଆକଉଣ୍ଟକୁ ଏକ ଟଙ୍କା ପ୍ରଦାନ ଏକ ନିରନ୍ତର ପ୍ରକ୍ରିୟା । ଯେଉଁମାନଙ୍କ ଆକାଉଣ୍ଟକୁ ଏହି ଏକ ଟଙ୍କା ଯାଇ ନାହିଁ ସେମାନଙ୍କ ଫର୍ମ ଏବେ ବିଚାରାଧୀନ ରହିଛି । ଆବେଦନ ଫର୍ମଗୁଡ଼ିକର ଯାଞ୍ଚ ପରେ ଅନ୍ୟ ଯୋଗ୍ୟ ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ପରୀକ୍ଷାମୂଳକ ଭାବେ ଏକ ଟଙ୍କା ପଠାଯିବ । ତେବେ ଏହି ବ୍ୟବସ୍ଥାକୁ ଆଳ କରି କିଛି ଠକ ଓ ଖଳ ପ୍ରକୃତିର ଲୋକ ବ୍ୟାଙ୍କ ନାଁରେ ଫୋନ କରି ଆବେଦନକାରୀଙ୍କୁ ଗୋଟିଏ ଲିଙ୍କରେ କ୍ଲିକ କରି ତଥ୍ୟ ପ୍ରଦାନ କଲେ ସେମାନଙ୍କ ବ୍ୟାଙ୍କ ଖାତାକୁ ମଧ୍ୟ ଏକ ଟଙ୍କା ଯିବ ବୋଲି ଦାବି କରୁଛନ୍ତି । ମାତ୍ର ସରକାରଙ୍କ ପକ୍ଷରୁ ଓ ବ୍ୟାଙ୍କ ପକ୍ଷରୁ ଏଭଳି କୌଣସି ଫୋନ ଓ ଲିଙ୍କ ପଠାଯାଉ ନାହିଁ ବୋଲି ବିଭାଗ ସ୍ପଷ୍ଟ କରିଛି । ଏଭଳି ଫୋନ କଲକୁ ବିଶ୍ୱାସ ନକରିବାକୁ ଓ କୌଣସି ଲିଙ୍କରେ କ୍ଲିକ ନକରିବା ନିମନ୍ତେ ସାଧାରଣ ଲୋକଙ୍କୁ ସରକାର ପରାମର୍ଶ ଦେବା ସହ ସତର୍କ କରାଇଛନ୍ତି ।

## ବଦଳିଲା ନିୟମ...

ଘଟାଇଛି । ଅଗଷ୍ଟ ୨୪ରେ ଏକ ସର୍କୁଲାର ମାଧ୍ୟମରେ ଏ ସମ୍ପର୍କରେ ସରକାର ସୂଚନା ଦେଇଛନ୍ତି । ଏଥିରେ କୁହାଯାଇଛି ଯେ, ୟୁପିଆଇ ମାଧ୍ୟମରେ କାରବାରକୁ ନେଇ ଉତ୍ସାହ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ବିଶେଷ କାଟାଗୋରୀ ପାଇଁ ୟୁପିଆଇରେ ସମସ୍ତ କାରବାର ସୀମା ବୃଦ୍ଧି କରିବାର ଆବଶ୍ୟକତା ରହିଛି । ସଂସ୍ଥାଗୁଡ଼ିକ ପାଇଁ ଟିକସ ପେମେଣ୍ଟ କରିବାର ୟୁପିଆଇରେ କାରବାର ସୀମା ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏ ସମ୍ପର୍କରେ ଏନପିସିଆଇ କହିଛି ଯେ, ଟିକସଦାତାମାନେ ମଧ୍ୟ ନିଶ୍ଚିତ କରିବା ଉଚିତ ଯେ ଟିକସ ଦେୟ ବର୍ଗ ପାଇଁ ବର୍ଦ୍ଧିତ ସୀମା ଲାଗି ୟୁପିଆଇ ଏକ ପେମେଣ୍ଟ ମୋଡ ଭାବରେ ସକ୍ଷମ ହୋଇଛି । ଏଥିପାଇଁ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଟିକସ ପେମେଣ୍ଟ ଲିମିଟର ବର୍ଦ୍ଧିତ ସୀମା ଲାଗୁ କରିବା ପାଇଁ ବ୍ୟାଙ୍କ, ପେମେଣ୍ଟ ସେବା ଯୋଗାଣକାରୀ ଏବଂ ୟୁପିଆଇକୁ କହିଛି । ଏନପିସିଆଇ ଅର୍ଥାତ ସେପ୍ଟେମ୍ବର ୧୬ ସୁଦ୍ଧା ୫ ଲକ୍ଷ ଟଙ୍କାର ଟିକସ ପେମେଣ୍ଟ କରିବା ପାଇଁ ୟୁପିଆଇ ବ୍ୟବହାର କରାଯାଇପାରିବ । ଏହାବ୍ୟତୀତ ଏବେ ଅନ୍ୟ କାଟାଗୋରୀ ପାଇଁ ପ୍ରତ୍ୟେକ କାରବାର ପିଛା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ ପେମେଣ୍ଟ ହୋଇପାରିବ । ଏହି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ ପେମେଣ୍ଟ ଡାକ୍ତରଖାନା ଏବଂ ଶିକ୍ଷା ପ୍ରତିଷ୍ଠାନ, ଆଇପିଓ ଏବଂ ଆରବିଆଇ ଖୁଚୁରା ପ୍ରତ୍ୟକ୍ଷ ଯୋଜନା ପାଇଁ ମଧ୍ୟ କରାଯାଇପାରିବ । ସୂଚନାଯୋଗ୍ୟ ଯେ, ଏହା କେବଳ କିଛି କାରବାରରେ ପ୍ରଯୁଜ୍ୟ ହେବ । ଏହାବ୍ୟତୀତ, ବ୍ୟାଙ୍କ ଏବଂ ୟୁପିଆଇ ସହିତ ସେମାନେ କେଉଁ ସୀମା ଅନୁମତି ଦିଅନ୍ତି ତାହା ଯାଞ୍ଚ କରିବାକୁ ପଡିବ ।

## ଶୋଭାଯାତ୍ରା ବେଳେ ...

ସହ ପତାକାକୁ ଜବତ କରିଛନ୍ତି । ପାଲେଷ୍ଟାଇନ ପତାକା ଉଡାଇବାକୁ ନେଇ ଆଡିସିନାଲ ଡିସିପି ଅନୀଲ ମିଶ୍ର କହିଛନ୍ତି, ପାଲେଷ୍ଟାଇନ ପତାକା ଜଣେ ଯୁବକ ଉଡାଉଥିବା ଅଭିଯୋଗ ହୋଇଥିଲା । ତେବେ ତାହା ପାଲେଷ୍ଟାଇନ ପତାକା ବୋଲି ଜଣାପଡୁନାହିଁ, ପାଲେଷ୍ଟାଇନ ପତାକା ବୋଲି ସନ୍ଦେହ କରାଯାଉଛି । ଏହାକୁ ନେଇ ବିବାଦ ଯେପରି ନହେବ, ସେଥିପାଇଁ ପତାକା ଜବତ କରାଯାଇଛି ବୋଲି ସେ କହିଛନ୍ତି ।

## ସରକାରୀ ମଦ ...

ପିଇଥିଲେ, ତାହାର ହିସାବ କରୁଛନ୍ତି । ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ ସୋମବାର ଅଚାନକ ସେହି ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ଚଢଉ କରିବା ବେଳେ ବିପୁଳ ପରିମାଣର ନକଲି ମଦ ଥିବା ଦେଖିବାକୁ ମିଳିଥିଲା । ଯେଉଁଥିରେ ଥିଲା ଦେଶୀ-ବିଦେଶୀ ହାଇଫାଇ ମଦ ଓ ବିଭିନ୍ନ ବ୍ରାଣ୍ଡର ବିୟର । ଅଭିଯୋଗ ଅନୁସାରେ ନାମୀଦାମୀ ମଦ ବୋତଲର ଲେବୁଲ ଓ ଠିପି ଖୋଲାଯାଇ ସେଥିରେ ବିଭିନ୍ନ ରାସାୟନିକ ଦ୍ରବ୍ୟ ମିଶ୍ରଣ କରାଯାଉଥିଲା । ଆଉ ତାପରେ ତାକୁ ଉଚ୍ଚା ଦରରେ ବିକ୍ରି କରାଯାଉଥିଲା । ମଦୁଆମାନେ ନକଲି ଜାଣିନପାରି ଢକ ଢକ କରି ପିଇ ଯାଉଥିଲେ । ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ସେହି ମଦ ଦୋକାନକୁ ସିଲ୍ କରିଛି । ଏଥିସହ ମଦ ଦୋକାନରେ ଥିବା ସବୁ ମଦକୁ ଯାଞ୍ଚ କରାଯାଉଛି । ନକଲି ମଦକୁ ଡୋଜର ମଡାଇ ଭଙ୍ଗା ଯାଇଛି । ପ୍ରାୟ ୫୦ ଲକ୍ଷରୁ ଅଧିକ ଟଙ୍କା ମଦ ବୋତଲ ଭଙ୍ଗା ଯାଇଥିବା ଅନୁମାନ କରାଯାଉଛି । ହେଲେ ମଦ ଦୋକାନରେ କାମ କରୁଥିବା କର୍ମଚାରୀଙ୍କୁ ଗିରଫ କରାଯାଇଥିବା ବେଳେ ମାଲିକ ଫେରାର ହୋଇଯାଇଛି । ମଦ ଦୋକାନୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ଅବକାରୀ କମିଶନର ନରସିଂହ ଭୋଳ ଘଟଣା ସ୍ଥଳରେ ପହଞ୍ଚି କହିଛନ୍ତି, ଅସଲି ମଦ ପାଇବା ପାଇଁ ଗ୍ରାହକଟିଏ ସରକାରୀ ମଦ ଦୋକାନକୁ ଆସିଥାଏ, ଯାହାକୁ ପିଇଲେ ଶରୀର ପ୍ରତି ବିଶେଷ କିଛି ହାନିକାରକ ହେବନାହିଁ । ଯଦି ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ଡୁପ୍ଲିକେଟ ବା ନକଲି ମଦ ବିକ୍ରି ହୁଏ, ତାହାହେଲେ ତାକୁ ଆମେ ସହ୍ୟ କରିପାରିବୁ ନାହିଁ । ତା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ । ସେହି ଦୋକାନରେ ଥିବା ଅରଜିନାଲ ମଦ ସମେତ ଡୁପ୍ଲିକେଟ ମଦକୁ ନଷ୍ଟ କରିବୁ । ନୂଆ ଆଇନ ଅନୁସାରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ । ସେମାନେ ଯେମିତି ଜେଲ ଦଣ୍ଡ ଭୋଗିବେ, ସେହି ଦିଗରେ ପଦକ୍ଷେପ ନିଆଯିବ । ତାଙ୍କର ଲାଇସେନ୍ସ ରଦ୍ଦ ପାଇଁ ବ୍ୟବସ୍ଥା କରିବୁ ବୋଲି ଶ୍ରୀ ଭୋଳ କହିଛନ୍ତି । ସେ ଆହୁରି କହିଛନ୍ତି, ଆଗାମୀ ଦିନରେ ସବୁ ଲାଇସେନ୍ସପ୍ରାପ୍ତ ଦୋକାନରେ ଯାଞ୍ଚକୁ କଡ଼ାକଡ଼ି କରାଯିବ । ଏଥିସହ ଅଚାନକ ଚଢଉ କରାଯିବ । ଯେଉଁମାନେ ନକଲି ମଦ ବିକ୍ରି କରୁଥିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଭୋଳ କହିଛନ୍ତି ।

# ସ୍ତ୍ରୀକୁ ବଞ୍ଚାଇବାକୁ ଯାଇ ସ୍ୱାମୀ ମୃତ

**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**

ବିଦ୍ୟୁତ୍ ଆଘାତରେ ଚାଲିଗଲା ବ୍ୟକ୍ତିଙ୍କ ଜୀବନ । ସ୍ତ୍ରୀକୁ ବଞ୍ଚାଇବାକୁ ଯାଇ ସ୍ୱାମୀର ମୃତ୍ୟୁ । ଏପରି କିଛି ଘଟଣା ଦେଖିବାକୁ ମିଳିଛି ଚକେଇସିହାଣୀରେ । ସୂଚନା ଅନୁଯାଇ, ଚକେଇସିହାଣୀ ଶ୍ରୀରାମ ନଗର ବସ୍ତିର ପ୍ରଶାନ୍ତ ସାଥୁଆ(୪୦) । ପ୍ରଶାନ୍ତଙ୍କ ସ୍ତ୍ରୀ ସକାଳୁ କିଛି ଓଦାଲୁଗା ଶୁଖାଇବାକୁ ଛାତ ଉପରକୁ ଯାଇଥିଲେ । ଯେଉଁ ତାରରେ ଲୁଗା ଶୁଖାଉଥିଲେ ସେଥିରେ ବିଦ୍ୟୁତ୍ ସଂଯୋଗ ହୋଇଯାଇଥିଲା । ଫଳରେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲା । ଚିତ୍କାର ଶୁଣି ପ୍ରଶାନ୍ତ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବାକୁ ଯାଇ ନିଜେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ । ଘଟଣା ସ୍ଥଳରୁ ପ୍ରଶାନ୍ତ ଓ ତାଙ୍କ ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରେ ସେଠାରୁ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍କୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ପ୍ରଶାନ୍ତଙ୍କ ସ୍ତ୍ରୀ ସୁସ୍ଥ ଥିବା ବେଳେ ଡାକ୍ତର ପ୍ରଶାନ୍ତଙ୍କୁ ମୃତ ଘୋଷଣା କରିଛନ୍ତି । ପ୍ରଶାନ୍ତ ଭିଏସ୍‌ଏସ୍ ନଗର ହାଟରେ ଏକ ଜୁଏଲରୀ ଦୋକାନ କରିଥିବା ବେଳେ ସେ ଗଡେଶ୍ୱର ହାଟ ବଣିକ ସଂଘର କୋଷାଧକ୍ଷ ତଥା ଜଣେ ସକ୍ରିୟ ସଦସ୍ୟ ଥିଲେ । ପ୍ରଶାନ୍ତଙ୍କ ଘର ନୟାଗଡ ଚମ୍ପତିପୁର ଓ ସେ ଦୀର୍ଘ ୨୦ ବର୍ଷ ହେବ ଭିଏସ୍‌ଏସ୍ ନଗର ରେ ବ୍ୟବସାୟ କରୁଥିଲେ । ସେଜଣେ ମେଳାପି ଓ ମିଷ୍ଟ ଭାଷି ମଣିଷ ଥିଲେ ।

# ମହଙ୍ଗା ପଡ଼ିଲା ଅଭିନେତ୍ରୀଙ୍କୁ ନିର୍ଯାତନା

# ନିଲମ୍ବିତ ହେଲେ ଆନ୍ଧ୍ରପ୍ରଦେଶର ୩ ବରିଷ୍ଠ ଆଇପିଏସ୍

**ନୂଆଦିଲ୍ଲୀ,**

ମହଙ୍ଗା ପଡ଼ିଲା ଅଭିନେତ୍ରୀଙ୍କୁ ନିର୍ଯାତନା । ନିଲମ୍ବିତ ହେଲେ ଆନ୍ଧ୍ରପ୍ରଦେଶର ୩ ବରିଷ୍ଠ ଆଇପିଏସ୍ । ମୁମ୍ବାଇର ଅଭିନେତ୍ରୀ ତଥା ମଡେଲ୍ କାଦମ୍ବରୀ ଜେଠ୍ୱାନୀଙ୍କ ନିର୍ଯାତନା ଓ ଧମକ ଦେବା ଅଭିଯୋଗରେ ୩ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ସସପେଣ୍ଡ୍ କରିଛନ୍ତି ଆନ୍ଧ୍ରପ୍ରଦେଶ ସରକାର । ସେମାନେ ହେଲେ ଆନ୍ଧ୍ରପ୍ରଦେଶର ପୂର୍ବତନ ଗୁଇନ୍ଦା ମୁଖ୍ୟ ତଥା ଡିଜି ରାଙ୍କର ଆଇପିଏସ ଅଧିକାରୀ ପି. ସୀତାରାମ ଅଞ୍ଜାନେୟୁଲୁ, ଆଇଜି ରାଙ୍କ ଅଧିକାରୀ ତଥା ପୂର୍ବତନ ବିଜୟୱାଡ଼ା ପୋଲିସ କମିଶନର କ୍ରାନ୍ତି ରାଣା ଟାଟା ଏବଂ ଏସ୍‌ପି ରାଙ୍କ ଅଧିକାରୀ ତଥା ଏନ୍ ଟିଆର୍ ଜିଲ୍ଲାର ପୂର୍ବତନ ଡିସିପି ବିଶାଲ ଗୁନ୍ନି । ଉପଯୁକ୍ତ ତଦନ୍ତ ନ କରି ଏବଂ କ୍ଷମତାର ଅପବ୍ୟବହାର ଦ୍ୱାରା ଭୁଲ୍ ଗିରଫଦାରୀ ଓ ନିର୍ଯାତନା ମାମଲାରେ ସଂପୃକ୍ତି ଅଭିଯୋଗରେ ଏହି ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କାଦମ୍ବରୀ ଏବଂ ତାଙ୍କ ବୟସ୍କ ବାପାମାଆଙ୍କୁ ମିଛ ମାମଲାରେ ପୋଲିସ ଅଟକ ରଖି ନିର୍ଯାତନା ଦେଇଥିବା ଏବଂ ବିନା ଦୋଷରେ ୪୦ ଦିନ ବିଚାର ବିଭାଗୀୟ ହେପାଜତରେ ସେମାନଙ୍କୁ ରହିବାକୁ ପଡ଼ିଥିବା ନେଇ ଅଭିଯୋଗ ହୋଇଥିଲା । ଏହି ମାମଲା ପ୍ରତ୍ୟାହାର ନ କଲେ ଭୟଙ୍କର ପରିଣତି ଭୋଗିବେ ବୋଲି ସେମାନେ ଧମକ ଦେଉଥିବା ଅଭିଯୋଗ କରିଥିଲେ କାଦମ୍ବରୀ ଜେଠ୍ୱାନୀ । ପୂର୍ବରୁ ଏନଟିଆର୍ ଜିଲ୍ଲାର ପୂର୍ବତନ ଏସିପି ହନୁମନ୍ତ ରାଓ ଏବଂ ପୂର୍ବତନ ଇବ୍ରାହିମପଟନମ୍ ସର୍କଲ୍ ଇନ୍ସପେକ୍ଟର ସତ୍ୟନାରାୟଣଙ୍କୁ ବି ଆନ୍ଧ୍ରପ୍ରଦେଶ ଡିଜିପି ଦ୍ୱାରକା ତିରୁମାଲା ରାଓ ନିଲମ୍ବିତ କରିଥିଲେ ।


## ପୂର୍ବ ତଟ ରେଳପଥ

### ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର(CMP)ଙ୍କ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ

ନିଯୁକ୍ତି ସୂଚନା ସଂ. 05/2024-CMP, ତା.10.09.2024 ରିଖ

ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ପୂର୍ଣ୍ଣକାଳୀନ ଚୁକ୍ତି ଭିତ୍ତିରେ ରେଳବାଇ ବୋର୍ଡ଼ ଦ୍ୱାରା ସମୟାନୁସାରେ ପ୍ରଦତ୍ତ ଯୋଜନା ଅନୁଯାୟୀ କିମ୍ବା ନିୟମିତ IRMS (ବର୍ତ୍ତମାନ IRHS) ଡାକ୍ତରଙ୍କ ଦ୍ୱାରା ଏହି ପଦବୀଗୁଡ଼ିକ ପୂରଣ ହେବା ପର୍ଯ୍ୟନ୍ତ ଯେଉଁଟି ପ୍ରଥମେ ହୋଇଥିବ, ସେହି ଅବଧି ପର୍ଯ୍ୟନ୍ତ ଇଚ୍ଛୁକ ତଥା ଯୋଗ୍ୟ ଡାକ୍ତରଙ୍କୁ ପୂର୍ଣ୍ଣକାଳୀନ "ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP)" GDMO ଭାବେ ନିଯୁକ୍ତି ପ୍ରଦାନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଇଚ୍ଛୁକ ଡାକ୍ତରଙ୍କ ଉପଯୁକ୍ତତାର ନିର୍ଦ୍ଧାରଣ ନିମନ୍ତେ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ପରିଚାଳନା କରାଯିବ, ଯାହାର ତାରିଖ/ସମୟ/ସ୍ଥାନ ନିମ୍ନରେ ପ୍ରଦାନ କରାଯାଇଛି । ଯୋଜନାର ବିବରଣୀ ନିମ୍ନରେ ଦିଆଯାଇଛି ।

**ମୋଟ୍ ଖାଲି ପଦବୀ ସଂଖ୍ୟା :** 02 CMP(GDMO) । ପ୍ରସ୍ତାବିତ ଖାଲି ପଦବୀଗୁଡ଼ିକ ସମ୍ପ୍ରଦାୟ ଅନୁଯାୟୀ ବିଭାଜନ ଅଣସଂରକ୍ଷିତ (UR)-01 ଗୋଟି, ଅନ୍ୟ ପଛୁଆ ବର୍ଗ (OBC)-01 ଗୋଟି ଭାବେ ପୂରଣ କରାଯିବ ।

**"ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ, ତାରିଖ ଓ ସମୟ :**

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ନିମନ୍ତେ ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ମଣ୍ଡଳ ରେଳବାଇ ଚିକିତ୍ସାଳୟ, ଖୋର୍ଦ୍ଧା ରୋଡ଼ | ତା.01.10.2024 ରିଖ (ମଙ୍ଗଳବାର) 1130 ଘଟିକାରେ ରିପୋର୍ଟ କରିବା ସମୟ : 1000 ଘଟିକା |

ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା, ବୟସ, ପାରିଶ୍ରମିକ, ଦରଖାସ୍ତ ଫର୍ମାଟ ଏବଂ ଅନ୍ୟ ନିୟମ ତଥା ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ www.eastcoastrail.indianrailways.gov.in ➔ About us ➔ Divisions ➔ Khurda Road Division ➔ Recruitment) ଅବଲୋକନ କରନ୍ତୁ ।

PR-529/P/24-25 ମଣ୍ଡଳ ରେଳ ପ୍ରବନ୍ଧକ(କାର୍ମିକ), ଖୋର୍ଦ୍ଧା ରୋଡ଼


# ସୁନା ଦୋକାନରେ ପଶି ମାଲିକଙ୍କୁ ଗୁଳି କଲେ

**ପୁରୀ, ନ୍ୟୁଜ ବ୍ୟୁରୋ**

ନମ୍ବର ବିହୀନ ବାଇକ୍‌ରେ ଆସିଲେ । ସୁନା ଦୋକାନରେ ପଶି ମାଲିକଙ୍କୁ ଗୁଳି କରି କାର୍‌ରେ ପଳାଇଗଲେ । ଆଜି ସନ୍ଧ୍ୟା ବେଳେ ଏପରି ଘଟଣା ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳରେ ଘଟିଛି । ଏନେଇ ଅଭିଯୋଗ ହେବା ପରେ ଛାନ୍‌ଭିନ୍ ଚଳାଇଛି ପୁଲିସ୍ । କୁଣ୍ଢେଇହାଟ ତିନି ଛକି ବଜାରରେ ରହିଛି ନିରଞ୍ଜନ ସାହୁଙ୍କ ଅଳଙ୍କାର ଦୋକାନ । ଆଜି ସନ୍ଧ୍ୟା ବେଳେ ସେ ଦୋକାନରେ ବସିଥିଲେ । ଠିକ୍ ସେତିକି ବେଳେ କୋଣାର୍କ ପାର୍ଶ୍ୱରୁ ୨ ଜଣ ଯୁବକ ମାସ୍କ ପିନ୍ଧି ଏକ ନମ୍ବର ବିହୀନ ହୋଣ୍ଡା ସାଇନ ବାଇକ୍‌ରେ ଦୋକାନ ପାଖରେ ବାଇକ୍ ରଖିଥିଲେ । ତା'ପରେ ଦୋକାନରେ ପଶିଥିଲେ । ସେମାନଙ୍କୁ ଦୋକାନ ମାଲିକ ଶ୍ରୀ ସାହୁ ବାରଣ କରିଥିଲେ । ହେଲେ ସେମାନେ ବନ୍ଧୁକ ବାହାର କରି ଶ୍ରୀ ସାହୁଙ୍କ ଉପରକୁ ୨ ରାଉଣ୍ଡ ଫାୟାରିଂ କରିଥିଲେ । ଗୋଟିଏ ଗୁଳି ଶ୍ରୀ ସାହୁଙ୍କ କଙ୍କାଳ ଦେଇ ବାହାରି ଯାଇଥିବା ବେଳେ ଆଉ ଏକ ଗୁଳି ତାଙ୍କର କଙ୍କାଳରେ ରହିଥିବା ଅନୁମାନ କରାଯାଉଛି । ଶ୍ରୀ ସାହୁ ରକ୍ତାକ୍ତ ହୋଇଥିଲେ ସୁଦ୍ଧା ନିଜ ଉପସ୍ଥିତ ବୁଦ୍ଧି ଖଟାଇ ସେମାନଙ୍କ ଉପରକୁ ନାଇଟ୍ରିକ୍ ଏସିଡ୍ ଫିଙ୍ଗି ଦେଇଥିଲେ । ଯେଉଁଥିପାଇଁ ସେମାନେ ବାଇକ ଛାଡି ଅନ୍ୟ ଏକ କାରରେ କୋଣାର୍କ ଅଭିମୁଖେ ପଳାଇ ଯାଇଥିଲେ । ଗୁରୁତର ଶ୍ରୀ ସାହୁଙ୍କୁ ଅନ୍ୟ ଦୋକାନୀମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାକଟପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

DSPL-111

प्रधान मंत्री आवास योजना-शहरी 2.0 Pradhan Mantri Awas Yojana-Urban 2.0

Ministry of Housing and Urban Affairs
Government of India



# ୧ କୋଟି
# ନୂତନ ବାସଗୃହ

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା -ସହରୀ ୨.୦



**ଶ୍ରୀ ନରେନ୍ଦ୍ର ମୋଦୀ**
ମାନ୍ୟବର ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ
**୪ ଲକ୍ଷ**
ଗୃହ ପ୍ରବେଶ

ହିତାଧିକାରୀଙ୍କୁ
ଗୃହ ଚାବି ବର୍ଣ୍ଟନ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା-୨.୦
ନିୟମାବଳୀ ଉନ୍ମୋଚନ

## ମାନ୍ୟବର ପ୍ରଧାନମନ୍ତ୍ରୀ
## ଶ୍ରୀ ନରେନ୍ଦ୍ର ମୋଦୀଙ୍କ
### କର କମଳରେ

### ଗରିମାମୟ ଉପସ୍ଥିତି

**ଶ୍ରୀ ରଘୁବର ଦାସ**
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ମନୋହର ଲାଲ**
ମାନ୍ୟବର ମନ୍ତ୍ରୀ, ଗୃହ ଓ ସହରୀ ବ୍ୟାପାର ଏବଂ ଶକ୍ତି

**ଶ୍ରୀ ନିତୀନ ଗଡକରୀ**
ମାନ୍ୟବର ମନ୍ତ୍ରୀ ସଡକ ପରିବହନ ଓ ଗମନାଗମନ

**ଶ୍ରୀ ଶିବରାଜ ସିଂହ ଚୌହାନ**
ମାନ୍ୟବର ମନ୍ତ୍ରୀ ଗ୍ରାମ ଉନ୍ନୟନ, କୃଷି ଓ ପରିବାର କଲ୍ୟାଣ

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
ମାନ୍ୟବର ମନ୍ତ୍ରୀ ସୂଚନା ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ପ୍ରଯୁକ୍ତି ବିଦ୍ୟା

**ଶ୍ରୀ କନକ ବର୍ଦ୍ଧନ ସିଂହଦେଓ**
ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡା**
ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆର୍ଥିକ ଅନଗ୍ରସର /ସ୍ୱଳ୍ପ ଆୟକାରୀ ବର୍ଗ / ମଧ୍ୟମ ଆୟକାରୀ ବର୍ଗଙ୍କ ନିମନ୍ତେ ପକ୍କା ଘର

ସୁଲଭ ମୂଲ୍ୟରେ ବାସଗୃହ ନିର୍ମାଣ, କ୍ରୟ ତଥା ଭଡାଘର ର ବ୍ୟବସ୍ଥା

୨.୩୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ସହାୟତା

ଗୃହ ଋଣ ଉପରେ ସୁଧ ରିହାତିର ବ୍ୟବସ୍ଥା




୧୦ ଲକ୍ଷ କୋଟି ନିବେଶରେ ୧ କୋଟି ବାସଗୃହ ନିର୍ମାଣ

କର୍ମଜୀବି ମହିଳା , ଶିଳ୍ପ ଶ୍ରମିକ ଏବଂ ଅନ୍ୟ ହିତାଧିକାରୀ ଙ୍କ ନିମନ୍ତେ ସୁଲଭ ଭଡା ଘର

## ୧୭ ସେପ୍ଟେମ୍ବର ୨୦୨୪ । ଭୁବନେଶ୍ୱର, ଓଡ଼ିଶା

OIPR : 13001/13/0004/2425

pmay-urban.gov.in @PMAYUrban pmayurban PMAY Urban pmay_urban